## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ଆସିକା, ୨୦।୫ (ଡି.ଏନ୍.ଏ): ଗୁଜରାଟର ସୁରତରେ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଥାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶନିବାର ଗାଙ୍ଗପୁର ଥାନା ଝାଡବନ୍ଧ ଗ୍ରାମରୁ ଗିରଫ କରାଯାଇଛି । ସେ ହେଲେ ରିଙ୍କୁ ବିଷୋୟୀ । ସୁରତରୁ ଆସିଥିବା କ୍ରାଇମବ୍ରାଞ୍ଚ ପୋଲିସ ଗାଙ୍ଗପୁର ପୋଲିସ ସହାୟତାରେ ରିଙ୍କୁଙ୍କୁ ଗିରଫ କରିଥିଲା । ୨୦୧୮ରେ ସୁରତରେ ଘଟିଥିବା ଏକ ହତ୍ୟା ମାମଲାରେ ସଂପୃକ୍ତ ଥାଇ ଅଦାଲତରେ ହାଜର ହେଉନଥିବା ଅଭିଯୋଗରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରାଯାଇଥିଲା ବୋଲି ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।

### ଅମଲା ସଂଘର ବୈଠକ

ଆସିକା, ୨୦।୫ (ଡି.ଏନ୍.ଏ): ଆସିକା ଅମଲା ସଂଘ ମିଳିତ ମଞ୍ଚ ପକ୍ଷରୁ ଶନିବାର ମଧ୍ୟାହ୍ନରେ ଆସିକା ବ୍ଲକ୍ ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଅମଲା ସଂଘର ସଭାପତି କିରଣ କୁମାର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅମଲାମାନଙ୍କ ପକ୍ଷରୁ ଦୀର୍ଘଦିନ ଧରି ଦାବି କରାଯାଉଥିବା ଗ୍ରେଡ ପେ’ ୪୨୦୦ ପ୍ରଦାନ ଦିଗରେ ସରକାରୀ ଅବହେଳା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାର ପ୍ରତିବାଦରେ ରାଜ୍ୟ ଅମଲା ମିଳିତ ମଞ୍ଚର ଆହ୍ୱାନ କ୍ରମେ ଚଳିତ ୨୨ ତାରିଖ ଠାରୁ ୩୧ ଯାଏଁ ଅମଲାମାନେ କଳା ବ୍ୟାଜ ପିନ୍ଧିବେ। ଯଦି ଦାବି ପୂରଣରେ ସରକାର ହେୟ ମନୋଭାବ ପୋଷଣ କରନ୍ତି ତେବେ ଜୁନ୍ ୧ ଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି । ସନ୍ତୋଷ କୁମାର ଗୌଡ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲା ବେଳେ ଜଗନ୍ନାଥ ଦାସ, ସତ୍ୟନାରାୟଣ ପାଣିଗ୍ରାହୀ, ସୁନିତା ପାତ୍ର, ମାନିନୀ ପାଣିଗ୍ରାହୀ, ତୋଫାନ ଗୌଡ, କୃଷ୍ଣଚନ୍ଦ୍ର ଡାକୁଆ ପ୍ରମୁଖ ସାମିଲ ଥିଲେ ।

### ହତ୍ୟା ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ,୨୦।୫(ଡି.ଏନ.ଏ.)- ଏକ ହତ୍ୟା ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶନିବାର ପଥରା ଗ୍ରାମରୁ ଖଲ୍ଲିକୋଟ ପୋଲିସ ଗିରଫ କରିଛି। ସେ ହେଲେ ପଥରା ଓଡ଼ିଆ ସାହିର କାଳିଆ ପଲେଇ। ୨୦୨୦ରେ ପଥରା ଗ୍ରାମରେ ମଦ ବିକ୍ରିକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀର ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଆଉ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ତେବେ ଉକ୍ତ ଘଟଣାରେ ଫେରାର ଥିବା କାଳିଆ ଶନିବାର ଧରାପଡ଼ିଥିଲେ। କାଳିଆ ପଥରା ଗ୍ରାମର ଏକ କୁକୁଡ଼ା ଫାର୍ମରେ ଥିବା ଏକ ଖବର ପାଇ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ହିମାଂଶୁ ଶେଖର ପାତ୍ର, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର କାଳିଆକୁ ଧରିବାରେ ସଫଳ ହୋଇଥିଲେ। ଖଲ୍ଲିକୋଟ କୋର୍ଟ ଜିଆର କେସ ନଂ. ୯/୨୦ ଆଧାରରେ କାଳିଆକୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

### ୬୧୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଆର.ଉଦୟଗିରି,୨୦।୫(ଡି.ଏନ.ଏ.) ମୋହନା ବ୍ଲକ କେଶରୀଗୁଡ଼ା ଗ୍ରାମର ପ୍ରସାଦ ଉଠାନସିଂ (୩୦)୨୭.୮.୨୧ ତାରିଖରେ ନିଜ ବୋଲେରୋ (ନଂ ଓଡ଼ି-୦୭ଆର.୨୭୮୬)ରେ ୬୧୫କେଜି ୩୫୦ଗ୍ରାମ ଗଞ୍ଜେଇ ଚୋରା ଚାଲାଣ କରିବା ସମୟରେ ପୋଲିସ ହାବୁଡ଼ାରେ ପଡ଼ିଛନ୍ତି। ପୋଲିସ ନଂ.୧୬୩/୨୧ରେ ଏକ ମାମଲା ରୁଜୁ କରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ମିଳିଛି।

# କାଳବୈଶାଖୀ ଝଡ଼ ବର୍ଷାରେ ହୋଇଛି ବ୍ୟାପକ କ୍ଷତି

■ ଉଡିଯାଇଛି ଡିଆରଡିଏ ଗେଷ୍ଟହାଉସ୍ ଟିଣ ଛାତ
■ ଜିଲାରେ ଶହେରୁ ଅଧିକ ଘର ହୋଇଛି ଆଂଶିକ କ୍ଷତିଗ୍ରସ୍ତ
■ ଭାଙ୍ଗିଛି ୧୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ

କୋରାପୁଟ,୨୦।୫(ସ୍ୱ.ପ୍ର.)

କୋରାପୁଟ ସହର ସମେତ ଆଖପାଖ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା କାଳ ବୈଶାଖ ଝଡପବନ ଓ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । କୋରାପୁଟ ସହର ସମେତ ଲକ୍ଷ୍ମୀପୁର, ସେମିଳିଗୁଡା ବ୍ଲକରେ ୨୨୫ ମିମି ବର୍ଷା ହୋଇଥିଲା। ଏହିସବୁ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଘର ଆଂଶିକ ରୂପେ ଭାଙ୍ଗିଥିବା ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ଏହି ଝଡ ଓ ବର୍ଷାରେ କୋରାପୁଟ ଡିଆରଡିଏ ଗେଷ୍ଟ ହାଉସ୍‌ର ଟିଣ ଛାତ ଉଡିଯାଇ ୫୦ ମିଟର ଦୂରରେ ପଡିଥିବା ଦେଖିବାକୁ ମିଳିଥିଲା। ଏଥିଯୋଗୁ ୭ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ତାର ଛିଣ୍ଡିଯାଇଛି । ସେହିପରି ସହରର ଆରିଓ କୋଲନୀ, ଶାନ୍ତି ନଗର, ଟେଲିକମ କଲୋନୀ ଅଞ୍ଚଳରେ ୮ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଛି। ବିଦ୍ୟୁତ୍ ତାର ଛିଣ୍ଡି ୨୪ ଘଣ୍ଟା ପରେ ମଧ ଏସବୁ ଅଞ୍ଚଳରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇ ନ ଥିବା ଜଣାପଡିଛି। ସେହିପରି କୋରାପୁଟ ମହିଳା ମହାବିଦ୍ୟାଳୟ ପରିସର, ଲାଣ୍ଡିଗୁଡା, ଫରେଷ୍ଟ କୋଲନୀ ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି। ବିଦ୍ୟୁତ୍ ସ୍ୱାଭାବିକ ହୋଇ ନ ଥିବାରୁ ବିଭାଗର କାର୍ଯ୍ୟ ନେଇ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଏବେ ଟାଟା ପକ୍ଷରୁ କୋରାପୁଟ ଜିଲାରେ ବିଦ୍ୟୁତ୍ ବିତରଣ କରାଯାଉଛି। ବିଦ୍ୟୁତ୍ ବିଭ୍ରାଟ ହେଲେ ତୁରନ୍ତ ମରାମତି ପାଇଁ ବୁଦ୍ଧମ ବିଲଡର ସଂସ୍ଥାକୁ ଟାଟା ବର୍ଷିକିଆ ଲିଜ ଦେଇଛି। ଅଥଚ ଏହି ସଂସ୍ଥା ଠିକ ଭାବେ ଲୋକଙ୍କୁ ସେବା ଯୋଗାଇ ପାରୁନଥିବା ଦେଖିବାକୁ ମିଳୁଛି। ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ମନରଞ୍ଜନ ମାର୍ଥାଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ସହରର ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ସ୍ୱାଭାବିକ ହୋଇଛି। କିଛି ଅଞ୍ଚଳରେ ବିଦ୍ୟୁତ୍ ମରାମତି କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ ଶୀଘ୍ର ସମସ୍ୟା ଦୂର ହେବ ବୋଲି ସେ କହିଥିଲେ।


ଝଡ ପବନରେ ଉଡିଯାଇଥିବା ଡିଆର୍‌ଡିଏ ଗେଷ୍ଟ ହାଉସ୍ ଛପର ।

# ଛାତ୍ରୀନିବାସ, ପଢ଼ାଗୃହ ଉଦ୍‌ଘାଟିତ


ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ପଢ଼ାଗୃହ, ଛାତ୍ରୀନିବାସ ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.), ୨୦।୫

ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ପଢ଼ାଗୃହ ଓ ଦେବଗିରି ଛାତ୍ରୀନିବାସ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଅଧକ୍ଷା ଡ.ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୱାର୍ଲ୍ଡ ବ୍ୟାଙ୍କର ଅନୁଦାନରେ ଏହି ଗୃହ ନିର୍ମାଣ କରାଯାଇଥିବା ଅଧକ୍ଷା ସୂଚନା ଦେଇଥିଲେ। ଇନ୍‌ଷ୍ଟିଚ୍ୟୁଶନାଲ ଡେଭେଲପମେଣ୍ଟ ପ୍ଲାନ୍ ମୁଖ୍ୟ ରଘୁନାଥ, ଜଲି ପ୍ରଧାନ ଓ ନୋଡାଲ ଅଫିସର ସରୋଜା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଛାତ୍ରୀନିବାସ ଓ ପଢ଼ାଗୃହ ନିର୍ମାଣ କରା ଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପିକା, ଅଧାପକମାନେ ଉପସ୍ଥିତ ଥିଲେ।

# ବଙ୍ଗୀୟ ଶରଣାର୍ଥୀଙ୍କ ପାଇଁ ସର୍ବେକ୍ଷଣ ଆରମ୍ଭ

**ଦୀର୍ଘ ବର୍ଷ ହେଲା ଡିପି କ୍ୟାମ୍ପ୍‌ରେ ରହୁଛନ୍ତି**

ସୁନାବେଡ଼ା,୨୦।୫(ସ୍ୱ.ପ୍ର.)

ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ସ୍ଥାନୀୟ ଡିପି କ୍ୟାମ୍ପଠାରେ ବଙ୍ଗୀୟ ଶରଣାର୍ଥୀ ରହି ଆସୁଛନ୍ତି। ୧୯୬୪ରେ ତତ୍କାଳୀନ ସରକାର ଏଠାରେ ସେମାନଙ୍କ ରହିବା ବ୍ୟବସ୍ଥା କରିଥିଲେ। ସମୟକ୍ରମେ ସେମାନଙ୍କୁ ପ୍ରଶାସନ ଭୋଟର କାର୍ଡ ସହ ସମସ୍ତ ସରକାରୀ ସୁବିଧା ଯୋଗାଇଦେଇଛି। ମାତ୍ର ସେମାନଙ୍କୁ ସ୍ଥାୟୀ ବାସିନ୍ଦାର ମାନ୍ୟତା ମିଳିନାହିଁ। ଏହାକୁ ନେଇ ବିଭିନ୍ନ ସମୟରେ ଏହି ବଙ୍ଗୀୟ ଶରଣାର୍ଥୀମାନେ ଜିଲା ପ୍ରଶାସନ ଏବଂ ପୌର ପ୍ରଶାସନ ନିକଟରେ ଦାବିକରି ଆସୁଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଜିଲା ପ୍ରଶାସନ, ପୌର ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ଡିପି କ୍ୟାମ୍ପବାସୀଙ୍କ ଥଇଥାନ ପାଇଁ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ଡିପି କ୍ୟାମ୍ପସ୍ଥିତ କ୍ଲବ ଘରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ରଘୁରାମ ପଡ଼ାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ବେଣୁଧର ଶବର ଯୋଗଦେଇ କହିଥିଲେ, ଏହି ସର୍ଭେ ଦ୍ୱାରା ଠିକ୍ ତଥ୍ୟ ଆସିପାରିବ। ଫଳରେ ଏଠାରେ ଦୀର୍ଘଦିନ ଧରି ରହି ଆସୁଥିବା ଲୋକେ ଉପକୃତ ହେବେ। ନଗରପାଳ ଡ. ରାଜେନ୍ଦ୍ର ପାତ୍ର କହିଥିଲେ, ସର୍ବେକ୍ଷଣ ଦ୍ୱାରା ପ୍ରସ୍ତୁତ ରିପୋର୍ଟକୁ ଭିତ୍ତିକରି ସରକାର ସେମାନଙ୍କ ଥଇଥାନ ପାଇଁ ଉଚିତ ପଦକ୍ଷେପ ନେଇପାରିବେ। ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ସେମିଳିଗୁଡ଼ା ତହସିଲଦାର ଜ୍ୟୋତିରାଣୀ ରଥ, ଉପନଗରପାଳ ରିତୁ କଣ୍ଡାଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ମନୋଜ ସୁନା ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଯୁବକଙ୍କୁ ପିଟି ମାରିଦେବା ଘଟଣାରେ ୫ ଗିରଫ

ପୁରୁଷୋତ୍ତମପୁର,୨୦।୫(ଡି.ଏନ.ଏ.)

ପୁରୁଷୋତ୍ତମ ପୁର ଥାନା ଚିଙ୍ଗୁଡି ଘାଇ ଗ୍ରାମରେ ଚୋର ସନ୍ଦେହରେ ପୁରୀ ଜିଲା ଗଡିଶଗଦା ଥାନା ଅନ୍ତର୍ଗତ ବାଦୁରାଗଡ ଗ୍ରାମର ବାହୁଡା ସାହୁ (୪୦)ଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ପୋଲିସ ୫ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚିଙ୍ଗୁଡି ଘାଇ ଗ୍ରାମର ତପନ ପଢିଆରୀ, ମିଟୁ ନାୟକ, କିଶୋର ନାୟକ, ସତ୍ୟ ନାରାୟଣ ନାୟକ ଓ ରେଙ୍ଗିଡି ପଲ୍ଲୀ ଗ୍ରାମର ଭବାନିଶଙ୍କର ସାହୁ। ବୁଧବାର ରାତିରେ ଚିଙ୍ଗୁଡିଘାଇ ଗ୍ରାମର କିଶୋର ନାୟକଙ୍କ ଘର ବାରିପଟେ ଶବ୍ଦ ହୋଇଥିଲା। ଏହାଶୁଣି ଘରମାଲିକ ଉଠିଯାଇ ଜଣେ ବ୍ୟକ୍ତିଙ୍କୁ ଦେଖିଥିଲେ। ତାଙ୍କୁ ଚୋର ବୋଲି ଭାବି ପାଟି କରିବାବେଳେ ସେ ଘରମାଲିକ ଉପରକୁ ଇଟା ଫୋପାଡି ଥିଲେ। ଏଥିରେ ଘରମାଲିକ କିଶୋର ନାୟକ ଆହାତ ହୋଇ ଚିତ୍କାର କରିଥିଲେ। ଏହା ଶୁଣି ଗ୍ରାମର କିଛି ଲୋକ ଉଠି ଆସିଥିବା ବେଳେ ବାହୁଡ଼ା ଲୋକଙ୍କୁ ଦେଖି ଘଟଣା ସ୍ଥଳରୁ ଦୌଡି ପଳାଇଥିଲେ। ଲୋକେ ଗୋଡ଼ାଇ ଗୋଡାଇ ତାଙ୍କୁ ଧରି ଆଣି ଏକ ବିଦ୍ୟୁତ୍ ପୋଲରେ ବାନ୍ଧି ମାଡ ମାରିଥିଲେ।

# ଏନ୍‌ସିସି କ୍ୟାମ୍ପରେ କ୍ୟାଡେଟ୍‌ଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ




ରାୟଗଡ଼ା,୨୦।୫(ସ୍ୱ.ପ୍ର.)

ରାୟଗଡ଼ା ୨(ଓ) ବାଳିକା ଏନସିସି ବାଟାଲିୟନ ପକ୍ଷରୁ ତାଡ଼ମାସ୍ଥିତ ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ ପ୍ରଶିକ୍ଷଣ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ବାଟାଲିୟନ କମାଣ୍ଡାଣ୍ଟ ଓ ସୁବେଦାରଙ୍କ ଆମନ୍ତ୍ରଣକ୍ରମେ ଆର୍ଟସେ ଟେମ୍ପଲ ପ୍ରଶିକ୍ଷକ ତଥା ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ଜ୍ଞାନରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାଡ଼େଟମାନଙ୍କୁ ବ୍ୟାୟାମ, ଆତ୍ମ ସୁରକ୍ଷା ଓ ସମରକଳା ତାଲିମ ପ୍ରଶିକ୍ଷଣ ଦିଆଯାଇଥିଲା। ଡା ଜ୍ଞାନରଞ୍ଜନ ଏଥିରେ ୫୦୦ଜଣ ବାଳିକା କ୍ୟାଡ଼େଟଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡା ଜ୍ଞାନ ରଞ୍ଜନ ମହାନ୍ତିଙ୍କୁ ବାଳିକା ଏନସିସି ବାଟାଲିୟନ ପକ୍ଷରୁ ସମ୍ମାନିତ କରାଯାଇଛି। ଯଦି କ୍ୟାଡ଼େଟମାନେ ଅଧିକା ପ୍ରଶିକ୍ଷଣ ପାଇଁ ଇଚ୍ଛୁକ ହୁଅନ୍ତି ତେବେ ଡ.ଜ୍ଞାନ ଆର୍ଟସେ ଟେମ୍ପଲ ପକ୍ଷରୁ ସେମାନଙ୍କୁ ପ୍ରଶିକ୍ଷଣ ଦେବେ ବୋଲି କ୍ୟାମ୍ପରେ ପ୍ରକାଶ କରିଛନ୍ତି।

# ଫାଇନାଲରେ ଚିତ୍ରକୋଣ୍ଡା ମାର୍କେଟ ଲାଇନ ଚାମ୍ପିୟନ

**ସ୍ୱାଭିମାନ ଅଞ୍ଚଳରେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଚିତ୍ରକୋଣ୍ଡା,୨୦।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡା ମାର୍କେଟ ଲାଇନ ଚାମ୍ପିୟନ ହୋଇଛି। ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟକୁ ଯୋଡ଼ାମ୍ବ ଗ୍ରାମବାସୀ ଆୟୋଜନ କରିଥିଲେ। ବିଭିନ୍ନ ସ୍ଥାନରୁ ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଫାଇନାଲ ମ୍ୟାଚରେ ଯୋଡ଼ାମ୍ବ କ୍ରିକେଟ ଟିମ୍ ସହ ଚିତ୍ରକୋଣ୍ଡା ମାର୍କେଟ ଲାଇନ କ୍ରିକେଟ ଟିମ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ପ୍ରଥମେ ଯୋଡ଼ାମ୍ବ ବ୍ୟାଟିଂ କରି ୨୦ ଓଭରରେ ୯୩ ରନ କରିଥିଲା।୯୪ ରନର ଧାର୍ଯ୍ୟ ଲକ୍ଷ୍ୟ ନେଇ ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାଟିଂ କରି ଚିତ୍ରକୋଣ୍ଡା ମାର୍କେଟ ଲାଇନ ୯୪ ରନ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ସୁରଜ ହନ୍ତାଳ ବିବେଚିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ସମ୍ମାନିତ ଅତିଥି ରୂପେ ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜୟରାମ ପୁନା, ଯୋଡ଼ାମ୍ବ ଥାନା ଅଧିକାରୀ ସଞ୍ଜୟ ପାଡ଼ାସେଠି, ଯୋଡ଼ାମ୍ବ ପୂର୍ବତନ ସମିତି ସଭ୍ୟ ରାମ ଚନ୍ଦ୍ର ଶିଶା ଓ ସମାଜିକ କର୍ମୀ ପ୍ରହଲ୍ଲାଦ ହନ୍ତାଳ ଉପସ୍ଥିତ ଥିଲେ। ଅତିଥିମାନେ ବିଜୟୀ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏହି ଫାଇନାଲ ମ୍ୟାଚ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଜନସାଧାରଣଙ୍କ ଭିଡ ହୋଇଥିଲା।


ଅତିଥି କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରୁଛନ୍ତି।

# ୫ ପଞ୍ଚାୟତ ବୁଲିଲେ ପଟାଙ୍ଗି ବିଧାୟକ


ଏକ ଗ୍ରାମରେ ବିଧାୟକ ପିତମ ପାଢ଼ୀ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ପରଖିଲେ ଉନ୍ନୟନମୂଳକ କାର୍ଯ୍ୟ, ଶୁଭଦେଲେ ବିଭିନ୍ନ ପ୍ରକଳ୍ପ**

ନନ୍ଦପୁର, ୨୦।୫ (ଡି.ଏନ.ଏ.)

ପଟାଙ୍ଗି ବିଧାୟକ ପିତମ ପାଢ଼ୀ ଶନିବାର ନନ୍ଦପୁର ବ୍ଲକର ୫ ପଞ୍ଚାୟତ ଖିନବର, ହାତୀବାରି, ଗୋଲୁର, କୁଲାବିର ଓ ବାଲଡା ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରଖିଛନ୍ତି। କିଛି ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ପ୍ରଥମେ ସେ ଖିନବର ପଞ୍ଚାୟତ କୋନା ଗ୍ରାମ ପରିଦର୍ଶନ କରି ବ୍ଲକ ପ୍ରଶାସନ ଦ୍ୱାରା ନିର୍ମାଣାଧୀନ ରାସ୍ତା କାର୍ଯ୍ୟର ତଦାରଖ କରିଥିଲେ। ହାତୀବାରି ପଞ୍ଚାୟତର ହରିଡାଗୁଡା ଗ୍ରାମରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ନିର୍ମାଣ ହେବାକୁ ଥିବା ନିସାଣିମୁଣ୍ଡା କାର୍ଯ୍ୟର ଶୁଭ ଦେଇଥିଲେ। ଗୋଲୁର ପଞ୍ଚାୟତର ଗାଦିଆଗୁମା ଗ୍ରାମ ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କର ଲୋକଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। କୁଲାବିର ପଞ୍ଚାୟତର ମାଳି ସୁବୁଲାର ଓ ବାଲଡା ପଞ୍ଚାୟତର ତଳ ବାଲଡା ଗ୍ରାମକୁ ଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ବିଧାୟକଙ୍କ ଏଭଳି ଗସ୍ତକୁ ସାଧାରଣରେ ପ୍ରଶଂସା କରାଯାଇଛି। ବିଧାୟକଙ୍କ ଗସ୍ତ ସମୟରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ଲକ୍ଷ୍ମୀ ହନ୍ତାଳ, ନନ୍ଦପୁର ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତ୍ତୁଲ, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, ଭଗବାନ ପେ, କାର୍ତ୍ତିକ ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫୪ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ, ୪ ଗିରଫ

ନନ୍ଦପୁର, ୨୦।୫(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା ଛକ ନିକଟରେ ଶୁକ୍ରବାର ରାତିରେ ପାଟ୍ରୋଲିଂ ବେଳେ ପୋଲିସ ଏକ ସ୍କୋର୍ପିଓ ଗାଡ଼ିରୁ ଗଞ୍ଜେଇ ଜବତ କରିଛି। ଏହାର ପରିମାଣ ୧୫୪ କେଜିରୁ ଊର୍ଦ୍ଧ୍ୱ । ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚିତ୍ରକୋଣ୍ଡା ଅଞ୍ଚଳର ହରିଶ୍ଚନ୍ଦ୍ର ଗୋଲରି, ସ୍କୋର୍ପିଓ ମାଲିକ ତଥା ମହାରାଷ୍ଟ୍ର ଅମରାବତୀ ଅଞ୍ଚଳର ଅଭିଜିତ ବୈଦ୍ୟ, ସ୍ୱପ୍ନିଲ ସିନ୍ଦେ ଓ ବିକ୍ରମ ସାନୋତ। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

ଖବରରୁ ଜଣାପଡ଼ିଛି, ଗୋଇନ୍ଦା ସୂଚନାକୁ ଭିତ୍ତିକରି ନନ୍ଦପୁର ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରାଙ୍କ ନେତୃତ୍ୱରେ ଶୁକ୍ରବାର ରାତିରେ ପୋଲିସ ଟିମ୍ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଛକ ନିକଟରେ ଗାଡ଼ିମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ଏକ ଦୁଇ ନମ୍ବର ବିଶିଷ୍ଟ ସ୍କୋର୍ପିଓ ଓଡ଼ିଶା ନମ୍ବର ଓଆର୍‌୦୨ ଭି ୫୧୦୫ ଏବଂ ତଳେ ମହାରାଷ୍ଟ୍ର ନମ୍ବର ଏମ୍‌ଏଚ୍‌୨୫ ଆର୍ ୬୬୫୦କୁ ଅଟକାଇ ଯାଞ୍ଚ କରିଥିଲା। ଏଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ନରସିଂହ ଗାଦବାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ଏହା ୧୫୪ କିଲୋ ୪୦୦ ଗ୍ରାମ ହୋଇଥିଲା। ପରେ ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୬ଟି ମୋବାଇଲ ଫୋନ୍, ୫ହଜାର ଟଙ୍କା, ସ୍କୋର୍ପିଓ ଗାଡ଼ି ଜବତ ହୋଇଛି। ପଚରାଉଚରା ସମୟରେ ସେମାନେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରୁ ମହାରାଷ୍ଟ୍ର ଅଞ୍ଚଳକୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ୫୬/୨୩ରେ ଏକ ମାମଲା ରୁଜୁହୋଇ ଏହାର ଅଧିକ ତଦନ୍ତ ଜାରି ରହିଛି। ଶନିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ମହାପାତ୍ର ଓ ଥାନା ଅଧିକାରୀ ଲାକ୍ରା କହିଛନ୍ତି।


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ଅଚଳ, ନଦୀପାଣି ଭରସା

ବାଲିମେଲା, ୨୦।୫(ଡି.ଏନ.ଏ.)

ରାଜ୍ୟରେ ଜାରି ରହିଛି ପ୍ରବଳ ଗ୍ରୀଷ୍ମ ପ୍ରବାହ। ଏଭଳି ସ୍ଥିତିରେ ଅନେକ ଅଞ୍ଚଳରେ ଲାଗିରହିଛି ଜଳ ସଙ୍କଟ। ଟୋପାଏ ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ମାରିୱାଡା ପଞ୍ଚାୟତରେ ୨ମାସ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଥିବାରୁ ଦେଖିବାକୁ ମିଳିଛି ପାନୀୟ ଜଳ ସମସ୍ୟା। ଏହି ଗ୍ରାମରେ କୋୟା ସମ୍ପ୍ରଦାୟର ୧୦୩ ପରିବାରର ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ,ପିଇଓ ଏବଂ ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ଏହି ଗ୍ରାମରେ ୫ଟି ନଳକୂପ ଓ ଗୋଟେ କୂଅ ରହିଛି। ଏଥିରୁ ୪ଟି ନଳକୂପ ଅଚଳ ହୋଇପଡିରହିଛି ଓ ଦୀର୍ଘ ବର୍ଷ ହୁବ କୁଅଟି ଭଗ୍ନ ଓ ପରିତକ୍ତ ଅବସ୍ଥାରେ ପଡିଛି। ଗୋଟିଏ ନଳକୂପରୁ ଲୌହ ମିଶ୍ରିତ ପାଣି ବାହାରୁଥିବାରୁ ଏହା ପିଇବା ଉପଯୋଗୀ ହୋଇପାରୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏଭଳି ସ୍ଥିତିରେ ଗ୍ରାମବାସୀ ଆମେ ଗ୍ରାମଠାରୁ ୫୦୦ ମଟର ଦୂରରେ ପ୍ରବାହିତ ପୋଟେରୁ ନଦୀରୁ ଜଳ ଆଣି ବ୍ୟବହାର କରୁଛୁ ବୋଲ ପୂର୍ବତନ ସରପଞ୍ଚ ମୁକ ପୂଜାରୀ, ସମିତିସଭ୍ୟ ଇର୍ମା ପଡିଆମୀ , ଗ୍ରାମମୁଖିଆ ରାମା ପୂଜାରୀ , ପଦ୍ମା ନନ୍ଦା ସୋଡି, ବଳ ପୂଜାରୀ, ଇର୍ମା କବାସୀ, ଗଙ୍ଗେ ପୂଜାରୀ, ଲାକେ ପଡିଆମୀ, ଭୀମେ ପୂଜାରୀଙ୍କ ସମେତ ଅନ୍ୟମାନେ କହିଛନ୍ତି । ବ୍ଲକ କାର୍ଯ୍ୟାଳୟଠାରୁ ୧୫ କି.ମି.ଦୂରରେ ଥିବା ମାରିୱାଡା ଗ୍ରାମରେ ଗ୍ରାମବାସୀଙ୍କୁ ହାତପହାନ୍ତାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଗତ ୨୦୧୬-୧୭ରେ ୪୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ ଟ୍ୟାଙ୍କ ନିର୍ମାଣ କରାଯାଇଥିଲା। ଏଥିପାଇଁ ପ୍ରାୟ ୪୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଗ୍ରାମରେ ପାଇପ ବିଛାଯାଇ ପ୍ରତ୍ୟେକ ପରିବାରକୁ ଏବଂ ବିଭିନ୍ନ ଛକରେ ଷ୍ଟାଣ୍ଡ ପୋଷ୍ଟ ଜରିଆରେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା। ପ୍ରକଳ୍ପଟି କିଛି ବର୍ଷ ଠିକ ଚାଲିବା ପରେ ଗତ ୨ ମାସ ତଳେ ମେଗା ଜଳଯୋଗାଣ ନିମନ୍ତେ ମେଗା ପ୍ରୋଜେକ୍ଟ କରାଯାଇ ଗ୍ରାମର ରାସ୍ତା ପାର୍ଶ୍ୱରେ ମାଟି ଖୋଳାଯାଇ ପାଇପ ପୋତା ଯାଇଥିଲା। ଏହି ପାଇପ୍ ପୋତିବା ବେଳେ ପୂର୍ବରୁ ପୋତା ଯାଇଥିବା ପାଇପଗୁଡିକ ମଧ୍ୟରୁ କିଛି ପାଇପ ଫାଟି ଯାଇଥିଲା। ସେବେଠାରୁ ଏହି ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏନେଇ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ଏସମ୍ପର୍କରେ ଗ୍ରାମବାସୀ ତାଙ୍କ ନିକଟରେ ଅଭିଯୋଗ କରିଛନ୍ତି। କାର୍ଯ୍ୟବ୍ୟସ୍ତତା ଥିବାରୁ ଉକ୍ତ ଗ୍ରାମକୁ ଯାଇପାରିନି। ଖୁବ୍ ଶୀଘ୍ର ଅଚଳ ନଳକୂପ ଓ ପାନୀୟ ଜଳ ପ୍ରକଳ୍ପ ମରାମତି କରି ଜଳ ଯୋଗାଣ ହେବ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ବଞ୍ଜାରୁଣୀ ମନ୍ଦିର ଚୋରି ମାମଲାରେ ୨ ଗିରଫ

ଜୟପୁର, ୨୦।୫ (ନି.ପ୍ର.)-ଜୟପୁର ସହରର ଗୋପବନ୍ଧୁନଗରରେ ଥିବା ବଞ୍ଜାରୁଣୀ ମନ୍ଦିରରୁ ଚୋରି ମାମଲାରେ ଟାଉନ ଥାନା ପୋଲିସ ୩ ଜଣଙ୍କୁ ଧରିଛି। ସେମାନେ ହେଲେ ହେଲେ ଓଡ଼ିଆ ମେଦ୍ରିସାହିର ହରି ନାୟକ (୨୦), ବିଶାଳ ନାଗ (୧୯) । ଜଣେ ନାବାଳକଙ୍କ ଏଥିରେ ସମ୍ପୃକ୍ତି ଥିବାରୁ ତାଙ୍କୁ ଧରିବା ପରେ ପୋଲିସ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରିଛି । ଗୋପବନ୍ଧୁନଗରର ଏହି ମନ୍ଦିରରୁ ସୁନା ଓ ରୁପା ଅଳଙ୍କାର ସହ କିଛି ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଥିଲା।

### ପୂର୍ବତନ ବିଧାୟକଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

ମାଲକାନଗିରି,୨୦।୫(ଡି.ଏନ୍.ଏ.)-ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି ଶନିବାର ସଦର ମହକୁମା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏଥିସହ ରୋଗୀଙ୍କ ଖାଦ୍ୟପେୟ, ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ଠିକ୍ ସମୟରେ ଚିକିତ୍ସା ହେଉଛି କି ନାହିଁ, ଔଷଧ ବିତରଣ ନେଇ ସେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ମାଡକାମିଙ୍କ ସହ କାଲିମେଲା ଜୋନ୍-୩ ସଭାପତି ସୁବ୍ରତ ସିଲ, ଭେଙ୍କଟପଲମ୍ ନାଏବ ସରପଞ୍ଚ ନାରାୟଣ ମଣ୍ଡଳ, ଉପସ୍ଥିତ ଥିଲେ। ରୋଗୀମାନେ ମାଡକାମିଙ୍କୁ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

### ଗ୍ରାମ ଜମି ହଡ଼ପ ନେଇ ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ



ଜୟପୁର, ୨୦।୫ (ନି.ପ୍ର.)-ଜୟପୁର ତହସିଲର ପାତ୍ରପୁଟଠାରେ ଗ୍ରାମ ଜମି ହଡ଼ପ ହୋଇଥିବା ନେଇ ଶନିବାର ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏହି ଅବସରରେ ତହସିଲଦାର ସାଗରିକା ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବାଲିଆ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ପାତ୍ରପୁଟର କଞ୍ଜେଇ ମୌଜାରେ ରହିଥିବା ଜମିକୁ ଜଣେ ବ୍ୟକ୍ତି ନିଜ କବ୍‌ଜାରେ ରଖିଛନ୍ତି। ବର୍ତ୍ତମାନ ଏହି ଜାଗାରେ ସ୍କୁଲ କରିବା ପାଇଁ ଗ୍ରାମବାସୀ ସ୍ଥିର କରିଛନ୍ତି । ମାତ୍ର ଏହି ଜାଗା ସମ୍ପୃକ୍ତ ବ୍ୟକ୍ତିଙ୍କ କବ୍‌ଜାରେ ରହିଥିବାରୁ ତାହା ସମ୍ଭବ ହୋଇପାରୁନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ନେବାପାଇଁ ସରପଞ୍ଚ କମଳଲୋଚନ ଗାଦବା, ଗ୍ରାମବାସୀ ନାରାୟଣ ମହାନ୍ତି, ବନମାଳୀ ନାୟକ ପ୍ରଶାନ୍ତ ପାଢ଼ୀ ,ପତି ପାଙ୍ଗୀ, କଣ୍ଣ ବିନ୍ଧାଣି, ସୁନାଧର କଟିଆଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

### ମଣ୍ଡିର ବିକାଶ ନେଇ ଜିଲା ପରିଷଦ ଉପାଧ୍ୟକ୍ଷଙ୍କ ଆଲୋଚନା




ଜୟପୁର,୨୦।୫(ନି.ପ୍ର.)-ଜୟପୁର ଉପଖଣ୍ଡର କୁନ୍ଦୁରା ବ୍ଲକରେ ଥିବା ଧାନମଣ୍ଡିର ବିକାଶ ନେଇ ଉପଜିଲାପାଳ ବେଦବର ପ୍ରଧାନଙ୍କ ସହ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ ଶନିବାର ଆଲୋଚନା କରିଛନ୍ତି । କୁନ୍ଦୁରା ବ୍ଲକରେ ଥିବା ଧାନ ବିକ୍ରି ଲାଗି ରହିଥିବା ଡଙ୍ଗରପାଉଁଶି ଓ ତରାଭଟ୍ଟା ମଣ୍ଡିର ବିକାଶ ଇତିମଧ୍ୟରେ ହୋଇଛି। ରହିଥିବା ଅନ୍ୟ ମଣ୍ଡିର ଉନ୍ନତି କରିବା ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ବିକାଶ ହୋଇଥିବା ୨ମଣ୍ଡିରେ ଚଳିତବର୍ଷ ରବି ଧାନମଣ୍ଡି କରିବା ପାଇଁ ସାମନ୍ତରାୟ ଉପଜିଲାପାଳଙ୍କୁ ଅନୁରୋଧ କରିଛନ୍ତି । ଏ ଦିଗରେ ସେ ଗୁରୁତ୍ୱ ଦେବେ ବୋଲି ଉପଜିଲାପାଳ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି।

# ଏସ୍‌ଇବିସି ସର୍ଭେ ନେଇ ବସିଥିବା ବୈଠକ ବିଫଳ

## ରୋକ୍‌ଠୋକ୍ ଶୁଣାଇଲେ ୧୧ ସମ୍ପ୍ରଦାୟ-ଆମେ ସହଯୋଗ କରିବୁନି

ପଟାଙ୍ଗି,୨୦।୫(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସୋସିଆଲ ଆଣ୍ଡ୍ ଇକୋନୋମିକାଲ ବ୍ୟାକ୍‌ୱାର୍ଡ କ୍ଲାସେସ୍(ଏସଇବିସି) ଲାଗି ସର୍ଭେ କାର୍ଯ୍ୟ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୭ ଯାଏ ଚାଲିବ। ତେବେ ଉକ୍ତ ସର୍ଭେ କାର୍ଯ୍ୟରେ ବିଭିନ୍ନ ସମ୍ପ୍ରଦାୟର ଲୋକେ ସହଯୋଗ କରୁନାହାନ୍ତି। ଏହି ସମ୍ପ୍ରଦାୟର ଲୋକମାନଙ୍କୁ ମନେଇବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ହୋଇଥିବା ବୈଠକ ବିଫଳ ହୋଇଛି। ଉପସ୍ଥିତ ମୁକା, ନୁକା, ଦୋରା, ନୌକା, ଖେତ୍ରି ଦୋରା, ରଣା, ମାଳି, ପୁଟିଆ, ଧୁଳିଆ ପାଇକ, କମାର ଆଦି ୧୧ ସମ୍ପ୍ରଦାୟର ସଦସ୍ୟମାନେ ସର୍ଭେରେ ସହଯୋଗ ପାଇଁ ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ ପ୍ରସ୍ତାବକୁ ରୋକଠୋକ ଭାବେ ମନା କରି ଦେଇଥିଲେ। ସରକାର କାହିଁକି ବର୍ତ୍ତମାନ ତରବରିଆ ଭାବେ ସର୍ଭେ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ବୈଠକରେ ଉପସ୍ଥିତ ଉପରୋକ୍ତ ସମ୍ପ୍ରଦାୟ ଲୋକଙ୍କୁ ଏସଇବିସି ସର୍ଭେରେ ଭାଗ ନେବା ପାଇଁ ପ୍ରଶାସନ ବୁଝାଇଥିଲା। ପ୍ରଶାସନର କୌଣସି କଥା ନ ଶୁଣି ଉପସ୍ଥିତ ବ୍ୟକ୍ତିମାନେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ସରକାର ନିଜ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଏହି ସର୍ଭେ କରୁଥିବା ସେମାନେ ସିଧାସଳଖ କହିଥିଲେ। ଏହି ସମୟରେ ସେମାନେ ଅଭଯୋଗ କରିଥିଲେ ଯେ, ଆମ ସମ୍ପ୍ରଦାୟର ଲୋକେ ପଡୋଶୀ ରାଜ୍ୟ ଆନ୍ଧ୍ରରେ ଆଦିବାସୀ ମାନ୍ୟତା ପାଇ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଉପକୃତ ହେଉଥିବା ବେଳେ ଓଡିଶାରେ ଆମେ ଆଦିବାସୀ ମାନ୍ୟତା ନେଇ ବିଭିନ୍ନ ସମୟରେ ବ୍ଲକ ଓ ଜିଲା ପ୍ରଶାସନ ମାଧ୍ୟମରେ ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ଆମ ଦାବିକୁ ଅଣଦେଖା କରିଚାଲିଛନ୍ତି। ଏବେ କୌଣସି ପରିସ୍ଥିତିରେ ଆମେ ଏହି ଏସଇବିସି ସର୍ଭେରେ ସହଯୋଗ କରିବୁ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ସର୍ଭେରେ ଯିଏ ଭାଗ ନ ନେବେ ସେହି ପରିବାରର ରାଶନକାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ବନ୍ଦ କରାଯିବାକୁ ଯେଉଁ ଭୟଭୀତ କରାଯାଉଛି ସେଥିରୁ ପ୍ରଶାସନ ନିବୃତ୍ତ ରହିବାକୁ ଉପସ୍ଥିତ ସମ୍ପ୍ରଦାୟର ଲୋକେ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

# ମାନୁନାହାନ୍ତି ରାସ୍ତାକଡରେ ଲୋକେ ରଖୁଛନ୍ତି ଗାଡି

- ଦୈନିକ ବଜାରରେ ସୃଷ୍ଟି ହେଉଛି ବିଭିନ୍ନ ସମସ୍ୟା
- ଆଗାମୀ ଦିନରେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଅଧିକାରୀ

ମାଲକାନଗିରି, ୨୦।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଦୈନିକ ବଜାରରେ କ୍ଷୁଦ୍ର ବ୍ୟବସାୟୀ ଏବଂ ଗ୍ରାହକମାନେ ସେମାନଙ୍କ ବାଇକ୍ ଏବଂ ଅଟୋ ରାସ୍ତା ଉପରେ ଏବଂ କେତେକ ଦୈନିକ ବିଜାର ଭିତରେ ନେଇ ରଖୁଛନ୍ତି। ଫଳରେ ବଜାର ଭିତରକୁ ଚାଲିକରି ଯିବା ମଧ୍ୟ ଅନ୍ୟମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏହି ବଜାରରେ ପନିପରିବାଠାରୁ ଆରମ୍ଭ କରି ଆମିଷ ଏବଂ ତେଜରାତି ଦୋକାନ ରହିଛି। ରାସ୍ତା ପାର୍ଶ୍ୱରେ ଗାଡି ରଖିବା ହେତୁ ଏହିରାସ୍ତାରେ ପ୍ରବଳ ଭିଡ ହେବା ସହ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ନିକଟରେ ଦୈନିକ ବଜାରକୁ ଲାଗି ପୌର ପରିଷଦ ଏକ ଏକରରୁ ଊର୍ଦ୍ଧ୍ୱ ଜାଗାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ କରି ଗାଡି ପାର୍କିଂ ସୁବିଧା କରିଛି। ମାତ୍ର ସେଠାରେ କେହି ଗାଡିମୋଟର ପାର୍କିଂ କରୁନାହାନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ଦୈନିକ ବଜାର ମଧ୍ୟକୁ ବାଇକ୍ ପ୍ରବେଶ ନିଷେଧ କରା ଯାଇଛି। ଏହାକୁ ଅବହେଳା କରୁଥିବା ଗାଡିଚାଳକଙ୍କଠାରୁ ନିକଟରେ ଜରିମାନା ଆଦାୟ କରା ଯାଇଥିଲା। ତଥାପି କେତେକ ବେଖାତିର ମନୋଭାବ ପୋଷଣ କରି ଏପରି ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏହା ବିରୋଧରେ ଆଗାମୀ ଦିନରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।



ଲୋକମାନେ ରାସ୍ତା ପାର୍ଶ୍ୱରେ ରଖିଥିବା ଗାଡି।

# ଚିକିତ୍ସା ସୁବିଧା ପାଇପାରୁନାହାନ୍ତି ରୋଗଗ୍ରସ୍ତ କର୍ମଚାରୀ

## ଇପିଏଫ୍, ଗ୍ରାଚ୍ୟୁଟି ଅର୍ଥ ମିଳୁନି

ଜୟପୁର,୨୦।୫ (ନି.ପ୍ର.)

ସେବା କାଗଜକଳରେ କାମକରି ଅବସର ନେଇଥିବା ଅବସରପ୍ରାପ୍ତ ଶ୍ରମିକମାନଙ୍କ ସମସ୍ୟା ଓ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିଚାଲିଛି। ବୟସାଧିକ୍ୟ ଯୋଗୁ କେତେଜଣ ରୋଗଗ୍ରସ୍ତ ହୋଇ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଲାଗି ସେମାନେ ଚିନ୍ତାରେ ଦିନ ବିତାଉଛନ୍ତି। ଏପରି ଜଣେ କର୍ମଚାରୀ ହେଲେ ଜୟରାମ ପ୍ରସାଦ। ଜୟରାମ ବିହାରରୁ ଆସି ୧୯୮୫ରୁ କାଗଜକଳରେ କାମକରି ଅବସର ନେଇଛନ୍ତି। ଏଯାଏ ତାଙ୍କର ଅବସରକାଳୀନ ପ୍ରାପ୍ୟ ମିଳିନାହିଁ। କିଛିଦିନ ତଳେ ଜୟରାମ ଉଚ୍ଚ ରକ୍ତଚାପ ଯୋଗୁ ତଳେ ପଡ଼ିଯାଇଥିଲେ। ତାଙ୍କର ରକ୍ତ ସର୍କରା ରୋଗ ମଧ୍ୟ ରହିଛି। କୋରାପୁଟ ମେଡିକାଲ କଲେଜରେ ସେ ଚିକିତ୍ସିତ ହୋଇ ଆସିଛନ୍ତି। ଶନିବାର ଶ୍ରମିକ ସଂଘ ନେତା ପ୍ରମୋଦ କୁମାର ମହାନ୍ତିଙ୍କ ସହ ଜୟରାମ ଯାଇ ଜିଲାପାଳଙ୍କୁ ସ୍ମାରକପତ୍ର ଉପଜିଲାପାଳଙ୍କ ଜରିଆରେ ଦେଇଛନ୍ତି। ଗ୍ରାଚ୍ୟୁଟି ଓ ପେନ୍‌ସନ ହୋଇଗଲେ ସେ ନିଜ ଗ୍ରାମକୁ ଚାଲିଯିବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ଅବସରପ୍ରାପ୍ତ ଶ୍ରମିକ ଯୁଧିଷ୍ଠିର ସ୍ୱାଇଁ ରୋଗଗସ୍ତ ହୋଇ କୋରାପୁଟ ମେଡିକାଲ କଲେଜ ପରେ ବ୍ରହ୍ମପୁର ଓ ସେଠାରୁ ଭୁବନେଶ୍ୱରସ୍ଥିତ ଏମ୍‌ସ ଯାଇ ଭଲ ହୋଇ ଆସିଛନ୍ତି । ଲକ୍ଷାଧିକ ଟଙ୍କା ସୁନାଗହଣା ବନ୍ଧା ରଖି ସେ ଚିକିତ୍ସିତ ହୋଇଛନ୍ତି। ମ୍ୟାନେଜମେଣ୍ଟ ତାଙ୍କ ଇପିଏଫ୍‌ରେ ଥିବା ଅର୍ଥରୁ ୫୦ ହଜାର ଟଙ୍କା ଦେବାକୁ କାଗଜକଳ ମ୍ୟାନେଜମେଣ୍ଟଙ୍କୁ ଅନୁରୋଧ କରି ଯୁଧିଷ୍ଠିର ନିରାଶ ହୋଇଥିବା କହିଛନ୍ତି। ପ୍ରୋଭିଡେଣ୍ଟ ଫଣ୍ଡ ପାଇଁ ଆଇନ ଅନୁଯାୟୀ ପଦକ୍ଷେପ ମ୍ୟାନେଜମେଣ୍ଟ ନେଉନାହିଁ। ଜମା ଟଙ୍କା ଥାଇ ମଧ୍ୟ କାମରେ ଆସୁନାହିଁ। ଏଥିରେ ହସ୍ତକ୍ଷେପକରି ଶ୍ରମିକମାନଙ୍କୁ ନ୍ୟାୟ ଦେବାକୁ ଶ୍ରମିକ ନେତା ମହାନ୍ତି ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ପ୍ରକାଶ ଚୌଧୁରୀଙ୍କ ସମେତ ଜୟରାମଙ୍କ ପୁଅ, ବୋହୂ, ନାତି ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କୁ ସ୍ମାରକପତ୍ର ଦେଉଛନ୍ତି ଜୟରାମ।

## ବିଦ୍ୟୁତ ଶର୍ଟ୍‌ସର୍କିଟରୁ ଅଗ୍ନିକାଣ୍ଡ

ଦିଗପହଣ୍ଡି,୨୦।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଲ୍ୟାଣପୁର ଗ୍ରାମରେ ଶଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ କୁମାରୀ ମହାରଣାଙ୍କ ଘରେ ଥିବା ଆସବାବପତ୍ର ପୋଡିଯାଇଛି। ନିଆଁରେ ଭସ୍ମୀଭୂତ ହୋଇ ଯାଇଥିବା ସମ୍ପତ୍ତିର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଘରର ବାହାର ପଟୁ କବାଟ ବନ୍ଦ ଥିବାରୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିପାରିନଥିଲେ। ପରେ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇ ପଡିଥିବା କୁମାରୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ଭୀମସେନ ସାହୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଶାଶୁଙ୍କୁ ହତ୍ୟା ଉଦ୍ୟମ, ଜ୍ୱାଇଁପୁଅ ଗଲେ ଜେଲ

ଦିଗପହଣ୍ଡି,୨୦।୫(ଡି.ଏନ.ଏ.)

କେ.ନୂଆଗାଁ ଥାନା ସନ୍ଧିଗାଁ ଗ୍ରାମର ସୀମାଞ୍ଚଳ ପ୍ରଧାନଙ୍କ ସ୍ତ୍ରୀ ଝୁନୁ ପ୍ରଧାନଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଜ୍ୱାଇଁପୁଅ ଗଙ୍ଗାଧର ପ୍ରଧାନଙ୍କ କାଠ ଫାଳିଆ ମାଡ଼ରେ ଝୁନୁ ଲହୁଲୁହାଣ ହୋଇ ଅଚେତ ହୋଇ ପଡିଥିବା ବେଳେ ଟିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚେତା ଫେରିଥିବା ଜଣାପଡ଼ିଛି। ଏହାପରେ ସେ କେ. ନୂଆଗାଁ ଥାନାରେ ଏତଲା ଦେବାପରେ ପୋଲିସ ନଂ. ୧୮୫/୨୩ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ ଗଙ୍ଗାଙ୍କୁ ଶନିବାର ଦିଗପହଣ୍ଡି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହୋଇ ତାଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ପ୍ରାୟ ୧୨ ବର୍ଷ ପୂର୍ବେ ଝୁନୁଙ୍କ ଝିଅ କଳ୍ପନାଙ୍କ ବିବାହ ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁର ପଞ୍ଚାୟତର କଳିଙ୍ଗଦଳା ଗ୍ରାମର ଗଙ୍ଗା ପ୍ରଧାନଙ୍କ ସହ ହୋଇଥିଲା। ବିବାହର କିଛି ଦିନ ପରେ ଅଧିକ ଯୌତୁକ ଦାବିରେ କଳ୍ପନାଙ୍କ ଉପରେ ନିର୍ଯ୍ୟାତନା ଆରମ୍ଭ ହୋଇଯାଇଥିଲା। ବିଭିନ୍ନ ସମୟରେ ଗଙ୍ଗା ଶ୍ୱଶୁର ଘର ଲୋକଙ୍କଠାରୁ ପ୍ରାୟ ୧୬ ଲକ୍ଷ ଟଙ୍କା ଏବଂ ୧୮ ଭରି ଓଜନର ସୁନା ଅଳଙ୍କାର ନେଇଥିଲେ ମଧ୍ୟ ବାରମ୍ବାର ତାଙ୍କ ଝିଅକୁ ନିର୍ଯ୍ୟାତନା ଦେଉଥିବା ଝୁନୁ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ତାଙ୍କ ଝିଅ ତାଙ୍କ ସହ ସନ୍ଧିଗାଁରେ ରହୁଥିବା ବେଳେ ଗତ ଗୁରୁବାର ଜ୍ୱାଇଁ ପୁଅ ଗଙ୍ଗା ସେଠାରେ ପହଞ୍ଚି କଳ୍ପନାଙ୍କୁ ତାଙ୍କ ସହ ଛାଡ଼ିବାକୁ ବାଧ୍ୟ କରିଥିଲେ। କିନ୍ତୁ ଝିଅର ଜୀବନ ପ୍ରତି ବିପଦ ଥିବା ମନେକରି ଝୁନୁ ଅରାଜି ହେବାରୁ ଜ୍ୱାଇଁ ଆକ୍ରମଣ କରିଥିବା ଜଣାପଡ଼ିଛି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ନେଇ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ବରିଷ୍ଠ ନାଗରିକ।

ମାଲକାନଗିରି,୨୦।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡିସିବି ବ୍ୟାଙ୍କ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ ତଥା ବରିଷ୍ଠ ନାଗରିକଙ୍କ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୫୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଡିସିବି ବ୍ୟାଙ୍କ ମୁଖ୍ୟ ପରିଚାଳକ ସିଦ୍ଧାନ୍ତ ବିଶୋୟୀ, କ୍ଲଷ୍ଟର ବ୍ୟାଙ୍କ ପରିଚାଳକ ସୁଧାଂଶୁ ପଟ୍ଟନାୟକ, ବରିଷ୍ଠ ପରିଚାଳକ ଏମ୍. ଜଗଦିଶ, ଶାଖା ସେଲସ୍ ମ୍ୟାନେଜର ଅକ୍ଷୟ ରାଉତରାୟ ଉପସ୍ଥିତଥିଲେ। ସଂଘ ସଭାପତି ବାଳାରାଜୁ ପାଢୀ ପେନସନ୍ ଭୋଗୀ ଅବସରପ୍ରାପ୍ତ କର୍ମଚାରୀଙ୍କ ବ୍ୟାଙ୍କରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ମୁଖ୍ୟ ପରିଚାଳକ ବିଶୋୟୀ ବରିଷ୍ଠ ନାଗରିକମାନଙ୍କ ପାଇଁ ଡିସିବି ବ୍ୟାଙ୍କ ଜମାରାଶି ଉପରେ ରହିଥିବା ଅନ୍ୟ ବ୍ୟାଙ୍କ ତୁଳନାରେ ଅଧିକ ସୁଧହାର ଓ ସେମାନଙ୍କ ଭବିଷ୍ୟତ ପାଇଁ ଡିସିବି ବ୍ୟାଙ୍କ ଯୋଗାଇ ଦେଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ପ୍ରକାଶ କରିଥିଲେ। ଏଥିସହ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ଲାଗି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ। ଅବସରପ୍ରାପ୍ତ କର୍ମଚାରୀ ଦୁର୍ଯ୍ୟୋଧନ ପାତ୍ର ଧନ୍ୟବାଦ ଦେଇଥିଲେ।

# ଭତ୍ତା ପାଉଥିବା ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟା ଆରମ୍ଭ

## ଡିବିଟି ପ୍ରଣାଳୀକୁ ସରଳ କରାଯିବା ନେଇ ପଦକ୍ଷେପ

ଜୟପୁର, ୨୦।୫ (ନି.ପ୍ର.)

ଡିବିଟି ମାଧ୍ୟମରେ ଭତ୍ତା ପାଉଥିବା ଭତ୍ତା ହିତାଧିକାରୀଙ୍କ ଭତ୍ତା ଉଠାଣ ସମସ୍ୟା ଦୂରକରିବା ପାଇଁ ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଶନିବାର ଆରମ୍ଭ ହୋଇଛି । ପ୍ରତ୍ୟେକ ପଞ୍ଚାୟତରେ ଟିମ୍ ଗଠନ କରାଯାଇ ସମସ୍ତ ହିତାଧିକାରୀଙ୍କ ଘର ଘର ବୁଲି ଯାଞ୍ଚ କରାଯାଉଛି । ଏହି ଯାଞ୍ଚ କାର୍ଯ୍ୟ ଆସନ୍ତା ୨୩ ତାରିଖ ଯାଏ ଚାଲିବ। ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ଭତ୍ତା ଉଠାଣ ସମ୍ପର୍କରେ ଉପୁଜୁଥିବା ସମସ୍ୟାଗୁଡ଼ିକ ଲିପିବଦ୍ଧକରି ସରକାରଙ୍କୁ ଆସନ୍ତା ୨୫ ସୁଦ୍ଧା ରିପୋର୍ଟ ପ୍ରଦାନ କରାଯିବ । ପରେ ଏକ ସ୍ୱତନ୍ତ୍ର ପଞ୍ଚାୟତସ୍ତରୀୟ ଯାଞ୍ଚ କମିଟି ଗ୍ରାମକୁ ଯାଇ ଭତ୍ତା ପାଉଥିବା ହିତାଧିକାରୀଙ୍କ ସହ ଯୋଗାଯୋଗ କରି ଡିବିଟି ମାଧ୍ୟମରେ ସୁବିଧାରେ ବ୍ୟାଙ୍କରୁ ଭତ୍ତା ଉଠାଣ, ଟଙ୍କା ପାଇବାରେ ଅନିୟମିତତା, କ'ଣ ତ୍ରୁଟି ଯୋଗୁ ବ୍ୟାଙ୍କରୁ ଟଙ୍କା ଉଠାଇ ନ ପାରିବା, କୌଣସି କାରଣରୁ ଭତ୍ତା ତାଲିକାରୁ ନାମ ବାଦ୍ ପଡ଼ିବା ସହ ଅନ୍ୟାନ୍ୟ ତଥ୍ୟ ଏହି ପଞ୍ଚାୟତସ୍ତରୀୟ କମିଟି ସଂଗ୍ରହ କରିବ। ପରେ ଡିବିଟି ପ୍ରଣାଳୀକୁ ହିତାଧିକାରୀଙ୍କ ନିମନ୍ତେ ସହଜ ଓ ସରଳ କରାଯିବା ଲାଗି ପଦପେକ୍ଷ ଗ୍ରହଣ କରାଯିବ। ଜୟପୁର ବ୍ଲକର ୨୨ଟି ପଞ୍ଚାୟତରେ ଯାଞ୍ଚ କମିଟିରେ ପିଇଓ, ଜିଆର୍‌ଏସ୍, ଯୋଗାଣ ସହାୟକ, ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆର୍‌ପି, ବିଏଫ୍‌ଟିର ସଦସ୍ୟମାନେ ସାମିଲ ରହିଥିବା ବିଡିଓ ରାଜୀବ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେଏସ୍ ନିଶା କହିଛନ୍ତି।



ଜଣେ ହିତାଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଉଛି।

# ବଜ୍ରପାତରେ ଯୁବତୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୨୦।୫(ଡି.ଏନ୍.ଏ.)

ମୋହନା ବ୍ଲକଠାରେ କାଳ ବୈଶାଖୀ ପ୍ରଭାବରେ ବଜ୍ରପାତ ହେବାରୁ ଶୁକ୍ରବାର ରାତିରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୋହନା ବ୍ଲକ ରାଇଗଣ୍ଡା ଗ୍ରାମର ଗାରତି ନାୟକ। ଗାରତି ନିଜ ଘରର କବାଟ ପାଖରେ ବସିଥିବା ବେଳେ ବଜ୍ରପାତ ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ପାଣିଗଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ମୋହନା ମେଡିକାଲକୁ ସ୍ଥାନାନ୍ତର କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ତ୍ରିଶୂଳ ସେନାପତି ସୂଚନା ଦେଇଛନ୍ତି।

# ପାନୀୟଜଳ ସମସ୍ୟା ନେଇ ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଦଶମନ୍ତପୁର,୨୦।୫(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ସଦରରେ ଦେଖା ଦେଇଥିବା ପାନୀୟ ଜଳ ସମସ୍ୟା ନେଇ ଶନିବାର ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଗ୍ରାମରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ୧୫ଶହ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ପ୍ରଶାସନ ପକ୍ଷରୁ ୩ଟି ନଳକୂପ ଖନନ କରାଯାଇଛି। ଏହି ନଳକୂପଗୁଡ଼ିକରୁ ୨ଟିରୁ ପାଣି ବାହାରୁ ନ ଥିବା ବେଳେ ଆଉ ଗୋଟିଏ ଅଚଳ ହୋଇପଡ଼ିଛି। ପାନୀୟ ଜଳ ପାଇଁ ଆମେ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଥିବା ଗ୍ରାମର ଲକ୍ଷ୍ମଣ ବିଶୋୟୀ, ଥବିର ବିଶୋୟୀ, ଚୈତନ୍ୟ ବିଶୋୟୀ, ଶୋଭା ସୁନ୍ଦର ବିଶୋୟୀ, ସରୋଜ ବିଶୋୟୀ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ପାଇପ ଯୋଗେ ପାନୀୟଜଳ ଯୋଗାଣ ନେଇ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଆଜିକୁ ୨୦ ଦିନ ହେଲା ଜଳ ଯୋଗାଣରେ ଅବ୍ୟବସ୍ଥା ଲାଗି ରହିଛି ବୋଲି ଗ୍ରାମବାସୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି। ବିଡିଓ ମଲ୍ଲିକ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ଲାଗି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।




ବିଡିଓଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

# ପୁନରୁଦ୍ଧାର ଅପେକ୍ଷାରେ ଆଦିବାସୀ ସଂଗ୍ରହାଳୟ

- ଜିଲା ପ୍ରଶାସନ ଅଣଦେଖା କରି ଚାଲିଥିବା ଅଭିଯୋଗ
- ଡଙ୍ଗର ସଂସ୍କୃତି ସୁରକ୍ଷାରେ ସଂଗ୍ରହାଳୟ ଭୂମିକା ଗୁରୁତ୍ୱପୂର୍ଣ୍ଣ
- ପ୍ରାଚୀନ ଜୀବନଧାରା, ଜନଜାତି ସଂସ୍କୃତିକୁ ତୋଳି ଧରିଛି

କୋରାପୁଟ,୨୦।୫(ସ୍ୱ.ପ୍ର.)




ସଂଗ୍ରହାଳୟରେ ଅବହେଳିତ ଅବସ୍ଥାରେ ରହିଥିବା ସାମଗ୍ରୀ ।

ଅବିଭକ୍ତ କୋରାପୁଟ ଜିଲାରେ ରହୁଥିବା ଆଦିବାସୀଙ୍କ ବିଭିନ୍ନ ଅଳଙ୍କାର ଓ ଅସ୍ତ୍ରଶସ୍ତ୍ର କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ ସାଇତି ରଖାଯାଇ ପର୍ଯ୍ୟଟକ,ଦର୍ଶକ ଓ ଆଗାମୀ ପିଢ଼ିଙ୍କୁ ଆଦିବାସୀଙ୍କ ସଂସ୍କୃତି ସମ୍ପର୍କରେ ଅବଗତ କରାଇବା ଲାଗି ବ୍ୟବସ୍ଥା ହୋଇଛି। ମାତ୍ର ଏହି ସଂଗ୍ରହାଳୟ ଏବେ ଅବକ୍ଷୟ ପଥରେ। ଆଦିବାସୀଙ୍କ ଚଳଣି ଓ ସଂସ୍କୃତି ବଖାଣୁଥିବା ଏହି ସଂଗ୍ରହାଳୟକୁ ଜିଲା ପ୍ରଶାସନ ଅଣଦେଖା କରି ଚାଲିଥିବା ଅଭିଯୋଗ ହେଉଛି। ଏପରି ଅବହେଳା ଆଦିବାସୀ ସଂସ୍କୃତିପ୍ରେମୀ ଓ ଗବେଷକମାନଙ୍କୁ ବ୍ୟଥିତ କରିଛି। ଏଥିପାଇଁ ଅନୁଦାନ ଆସିଥିଲେ ମଧ୍ୟ ତାହା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ୧୯୯୨ରେ ସ୍ଥାପିତ ଏହି ଆଦିବାସୀ ସଂଗ୍ରହାଳୟ ଇତିମଧ୍ୟରେ ତା'ର ରଜତ ଜୟନ୍ତୀ ଉତ୍ସବ ପାଳନ କରିସାରିଛି। ଏହାର ପୁନରୁଦ୍ଧାର କାର୍ଯ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତତ୍ତ୍ୱାବଧାନରେ ହେବ ବୋଲି ଗତ ଜାନୁୟାରୀରେ କୋରାପୁଟରେ ଆୟୋଜିତ ଏକ ଜିଲାସ୍ତରୀୟ ବୈଠକରେ ଘୋଷଣା କରାଯାଇଥିଲା। ଅଥଚ ଏଯାଏ ଏହି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। କୋରାପୁଟ ଡଙ୍ଗର ସଂସ୍କୃତିର ସୁରକ୍ଷା ଦିଗରେ ଆଦିବାସୀ ସଂଗ୍ରହାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମର ପ୍ରାଚୀନ ଜୀବନଧାରା ଓ ଜନଜାତି ସଂସ୍କୃତିକୁ ତୋଳି ଧରିଥିବା ଏହି ସଂଗ୍ରହାଳୟ ନିଜ କାର୍ଯ୍ୟ ଓ ଦାୟିତ୍ୱବୋଧ ତୁଲାଇବାରେ ଅନେକାଂଶରେ ସଫଳତା ହାସଲ କରିଛି ବୋଲି ସଂଗ୍ରହାଳୟର ନିର୍ଦ୍ଦେଶକ ଡ. ଜଗବନ୍ଧୁ ସାମଲ କହିଛନ୍ତି। ସଂଗ୍ରହାଳୟ କରିଥିବା କାର୍ଯ୍ୟର ଗୁଣାତ୍ମକ ମାନ ବୃଦ୍ଧିକରି ଗବେଷଣା ଓ ସଂସ୍କୃତି ସଂରକ୍ଷଣ ଦିଗରେ ଏହା କାର୍ଯ୍ୟ କରିଆସୁଥିବା ସେ ପ୍ରକାଶ କରିଛନ୍ତି। ଏ ପରିପ୍ରେକ୍ଷୀରେ ସଂଗ୍ରହାଳୟର ପୁନରୁଦ୍ଧାର ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଆଦିବାସୀ ସଂସ୍କୃତି ବିଶାରଦମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ୨ ଛାତ୍ର ଗୁରୁତର

ଗୁଣପୁର, ୨୦ା୫(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣୁପୁର ଗାନ୍ଧୀ ବିଶ୍ୱବିଦ୍ୟାଳୟ ଏଗ୍ରିକଲଚର ବିଭାଗର ପ୍ରଥମ ବର୍ଷର ଦୁଇ ଛାତ୍ର କାର ଦୁର୍ଘଟଣା କରି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଯାଜପୁରର ସୌମ୍ୟ ରଞ୍ଜନ ପାଳ ଏବଂ ଜୟପୁରର ରାଜ କିଶୋର ପାତ୍ର। ଶନିବାର ଅପରାହ୍ନରେ ସୌମ୍ୟ ଓ ରାଜକିଶୋର ଗୁଣୁପୁରରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବାବେଳେ ରାୟଗଡ଼ା-ଗଜପତି ଜିଲା ସୀମାନ୍ତ କତାଗୁଡା ନିକଟରେ ଭାରସାମ୍ୟ ହରାଇ କାରଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ସେମାନେ ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ସୌମ୍ୟ ଓ ରାଜକିଶୋରଙ୍କୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ସେମାନେ ଗୁରୁତର ଥିବା କହି ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଛନ୍ତି।

### ଗଞ୍ଜେଇ ଚୋରା ଚାଲାଣ ମମଲାରେ ଗିରଫ ଅଭିଯୁକ୍ତ ଖଲାସ



ଗୁଣପୁର, ୨୦ା୫ (ଡି.ଏନ୍.ଏ) ରାୟଗଡା ଜିଲା ଗୁଣପୁର ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଶନିବାର ରାୟ ପ୍ରକାଶ ପାଇଛି। ହାଇଦ୍ରାବାଦର ଅଭିଯୁକ୍ତ ସନ୍ତୋଷ ସିଂ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏଡିଜେ ମହମ୍ମଦ ଶେଖ କ୍ୱାଇସି ରାୟ ଶୁଣାଇଥିବା ସନ୍ତୋଷଙ୍କ ଓକିଲ ଭାଗିରଥି ବାଙ୍ଗାରି ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ୨୦୨୨ ଜୁନ ୧୧ ତାରିଖରେ ପଦ୍ମପୁର ବ୍ଲକର ଲିକିଟି ପଦରରେ ଅବକାରି ବିଭାଗ ପକ୍ଷରୁ ଧରପଗଡ ହୋଇଥିଲା। ସେହି ସମୟରେ ସେଠାରେ ଏକ କାରରେ ୧୮୦ କେଜି ଗଞ୍ଜେଇ ଧରି ସନ୍ତୋଷ ଆସୁଥିଲେ। ଅବକାରୀ ବିଭାଗ ପକ୍ଷରୁ ଗାଡ଼ି ଏବଂ ଗଞ୍ଜେଇକୁ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଗୁଣପୁର କୋର୍ଟକୁ ଚାଲାଣ କରାଯାଇଛି। ସେହି ଦିନରୁ ଅଭିଯୁକ୍ତ ଗୁଣପୁର ଜେଲରେ ରହି ଆସୁଥବଲେ। ବିଚାରଣା ସମୟରେ ଦୁଇ ସରକାରୀ ସାକ୍ଷୀଙ୍କ ସମେତ ୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାର କରି କୋର୍ଟ ତାଙ୍କ ରାୟ ଶୁଣାଇ ସନ୍ତୋଷଙ୍କୁ ଖଲାସ କରିଥିଲେ। ତେବେ ଏହି ଖଲାସ ପରେ ଅବକାରି ବିଭାଗର ତଦନ୍ତ ପ୍ରକ୍ରିୟା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିବର୍ଷ ପଦ୍ମପୁର ଅଞ୍ଚଳରେ ଅବକାରୀ ଏବଂ ପୋଲିସ ବିଭାଗ ପକ୍ଷରୁ ଚଢାଉ କରାଯଇ ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି। ଏଥିସହ ଅନେକ ସମୟରେ ଧରପଗଡ କରି ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରାଯାଉଛି। ହେଲେ ମମାଲରେ ଅଭିଯୁକ୍ତ ଖଲାସ ହେବା ପରେ ତଦନ୍ତ ପ୍ରକ୍ରିୟା ପ୍ରତି ବର୍ତ୍ତମାନ ବିରାଟ ପ୍ରଶ୍ନବାଚି ସୃଷ୍ଟି ହୋଇଛି।

# ତେନ୍ତୁଲିଖୁଣ୍ଟି ବ୍ଲକରେ ଗୋଟିଏ ବି ସ୍କୁଲ ହେଉନାହିଁ ଅପ୍‌ଗ୍ରେଡ୍

■ ଜିଲାର ସାକ୍ଷରତା ହାର ତେନ୍ତୁଲିଖୁଣ୍ଟି ବ୍ଲକରେ ସର୍ବାଧିକ
■ ଚଳିତ ମାଟ୍ରିକ୍ ପରୀକ୍ଷାରେ ପାସ୍ ହାର ୯୮ ପ୍ରତିଶତ
■ ପିଲାମାନେ ଉଚ୍ଚ ଶିକ୍ଷା ନ ପାଇ ପାଠପଢ଼ାରେ ଡୋରି ବାନ୍ଧିବା ଆଶଙ୍କା
■ ଚିନ୍ତାରେ ଅଭିଭାବକ

ତେନ୍ତୁଲିଖୁଣ୍ଟି, ୨୦ା୫(ଡି.ଏନ୍.ଏ.)

ଚଳିତ ବର୍ଷର ମାଟ୍ରିକ୍ ରେଜଲ୍ଟ ଗୁରୁବାର ପ୍ରକାଶ ପାଇଛି। ତେନ୍ତୁଲିଖୁଣ୍ଟି ବ୍ଲକରେ ୯୮ ପ୍ରତିଶତ ପାସ୍‌ହାର ରହିଛି। କିନ୍ତୁ ସବୁ ପିଲା ଉଚ୍ଚଶିକ୍ଷା ପାଇବେ କି ନାହିଁ ଏବେ ତାହା ସନ୍ଦେହରେ। ବ୍ଲକରେ ଏବେ ଗୋଟିଏ ବି ସ୍କୁଲ ଅପ୍‌ଗ୍ରେଡ୍ ହେଉନାହିଁ। ତେଣୁ ପିଲା ଉଚ୍ଚ ଶିକ୍ଷା କେମିତି ପାଇବେ ସେନେଇ ଚିନ୍ତାରେ ଅଭିଭାବକ।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ୧୨ ପଞ୍ଚାୟତ ରହିଥିବା ବେଳେ ଗୋଟିଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିସ୍ମାହାଣ୍ଡିରେ ଖୋଲିଛି। ବ୍ଲକର ଦୁଇଟି ଉଚ୍ଚ ବିଦ୍ୟାଳୟ ଅପ୍‌ଗ୍ରେଡ୍ ପାଇଁ ସରକାରଙ୍କ ଅନୁମତି ପତ୍ର ମିଳିଛି। ନବରଙ୍ଗପୁର ବିନୋଦ ବିହାରୀ ମହାବିଦ୍ୟାଳୟ, ଯାହା ନନ୍ଦାହାଣ୍ଡି ବ୍ଲକରେ ରହିଛି ତାହାକୁ ମିଶାଇଲେ ଚାରୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହେଉଛି। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ୨୦ଟି ହାଇସ୍କୁଲ ଥିବାବେଳେ କେବଳ ଗୋଟିଏ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏଠି କଳାରେ ୨୫୬ ଓ ବିଜ୍ଞାନରେ ୧୨୮ ସିଟ୍ ଅଛି। ଏଠାରେ ଘରୋଇ ଅରବିନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି, ଯେଉଁଠି କେବଳ ଯୁକ୍ତ୨ ବିଜ୍ଞାନରେ ୬୪ ସିଟ୍ ରହିଛି। ଜିଲାର ସାକ୍ଷରତା ହାର ତେନ୍ତୁଲିଖୁଣ୍ଟି ବ୍ଲକରେ ସର୍ବାଧିକ। ଚଳିତ ମାଟ୍ରିକ୍ ପରୀକ୍ଷାରେ ପାସ୍‌ହାର ୯୮ ପ୍ରତିଶତ ରହିଛି। ତେନ୍ତୁଲିଖୁଣ୍ଟିର ମାଟ୍ରିକ୍ ପାସ୍ କରିଥିବା ୧୨୨୪ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ସିଟ୍ ପାଇବେ କି ନାହିଁ ତାହାକୁ ନେଇ ଚିନ୍ତାରେ ଅଭିଭାବକ। ବ୍ଲକର ପୂଜାରିଗୁଡ଼ା ଓ ପାତ୍ରପୁଟ ଉଚ୍ଚ ବିଦ୍ୟାଳୟ ଅପଗ୍ରେଡ୍ ପାଇଁ ପ୍ରସ୍ତାବ ଯାଇଥିଲା। କିନ୍ତୁ ଅନୁମତି ମିଳିନି। ତେନ୍ତୁଲିଖୁଣ୍ଟି ବ୍ୟତୀତ ଜିଲାର ପ୍ରତ୍ୟେକ ବ୍ଲକରେ ତଫସିଲଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ଖୋଲାଯାଇଛି। ବ୍ଲକ ପିଛା ଗୋଟିଏରୁ ୨ଟି ଅପ୍‌ଗ୍ରେଡ୍ ସ୍କୁଲ ଖୋଲିଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ଗ୍ରାମ ପାତ୍ରପୁଟରେ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ଯୁକ୍ତ ୨ ଖୋଲାଯାଇନି। ଏ ନେଇ ବିଧାୟକ ପ୍ରଧାନୀଙ୍କୁ ପଚାରିବାରୁ ପାତ୍ରପୁଟରେ ଆଗାମୀ ଦିନରେ ଖୋଲିବ ବୋଲି କହିଥିଲେ। କିନ୍ତୁ ଚଳିତ ଶିକ୍ଷାବର୍ଷ କି ଆସନ୍ତା ଶିକ୍ଷାବର୍ଷରେ ତାହା ସ୍ପଷ୍ଟ କରିନାହାନ୍ତି। ଗରିବ ଆଦିବାସୀ ଛାତ୍ରୀଛାତ୍ର ସିଟ୍ ନ ପାଇ ପାଠ ଛାଡ଼ିପାରନ୍ତି ବୋଲି ବୁଦ୍ଧିଜୀବୀ ଆଶଙ୍କା କରୁଛନ୍ତି। ୨୦୧୮ରେ କାମତା ଗ୍ରାମରେ ମହାବିଦ୍ୟାଳୟ ଖୋଲିବାକୁ ପ୍ରସ୍ତାବ ରହିଥିବା ବର୍ତ୍ତମାନର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ କହିଥିଲେ। ଏବେସୁଦ୍ଧା କିନ୍ତୁ ତାହା ହୋଇପାରିନାହିଁ। ତେବେ ଏ ନେଇ ରନ୍ଧାରୀଙ୍କୁ ପଚାରିବାରୁ ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ଗୁଡ଼ାରିରୁ ରାଜଧାନୀକୁ ଗଡ଼ିଲା ବସ୍



ଏନ୍‌ଏସି ଅଧକ୍ଷା ଓ ସହରବାସୀ ବସ୍‌କୁ ସ୍ୱାଗତ କରୁଛନ୍ତି।

ଗୁଡ଼ାରି, ୨୦ା୫(ଡି.ଏନ୍.ଏ.)

ଗୁଡ଼ାରି ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଶୁକ୍ରବାରଠାରୁ ଗୁଡ଼ାରିରୁ ରାଜଧାନୀ ଭୁବନେଶ୍ୱରକୁ ଓଏସ୍‌ଆର୍‌ଟିସି ବସ୍ ଚଳାଚଳ କରିଛି। ବସ୍‌ଟି ଶୁକ୍ରବାର ସକାଳୁ ବାହାରି ସନ୍ଧ୍ୟାରେ ଗୁଡ଼ାରିରେ ପହଞ୍ଚିଥିଲା। ଏହି ବସ୍‌କୁ ସହରବାସୀ ସ୍ୱାଗତ କରିଥିଲେ। ଏନ୍‌ଏସି ଅଧକ୍ଷା ସରମିତା ଶବର ନଡ଼ିଆ ଭାଙ୍ଗି ପୂଜା କରିଥିଲେ। କାର୍ଯ୍ୟକ୍ରମରେ ୟୁଥ୍ ଫର୍ ଚେଞ୍ଜ୍ ସଦସ୍ୟ ସନ୍ତୋଷ ମହାନ୍ତି, କେଦାର ସାହୁ, ଜଗ ନାୟକ, ପ୍ରସାଦ, ସୁଶୀଲ ଗୁରୁଙ୍କ ସମେତ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ବସ୍ ଗୁଡାରିରୁ ରାତ୍ର ୮.୩୦ ମିନିଟ୍‌ରୁ ଛାଡିବ ଏବଂ ତା' ପରଦିନ ସକାଳ ୮ଟାରେ ଭୁବନେଶ୍ୱରରୁ ଗୁଡ଼ାରି ଅଭିମୁଖେ ବାହାରିବ। ଗୁଡ଼ାରିରୁ ବାହାରି ଦିଗପହଣ୍ଡି ଦେଇ ଶେରଗଡ଼, ହିଞ୍ଜିଳି, ବାଲୁଗାଁ ଦେଇ ବସ୍ ଭୁବନେଶ୍ୱରକୁ ଯିବ। ଗୁଡାରିରୁ ବ୍ରହ୍ମପୁର ସହର ଦେଇ ଏହି ବସ୍ ଯାତାୟାତ ଏବଂ ଭୁବନେଶ୍ୱରରୁ ଉକ୍ତ ବସ୍ ଦିନ ବଦଳରେ ରାତି ୮ରେ ଛାଡ଼ିଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ କହିଛନ୍ତି।

ସୂଚନାନୁଯାୟୀ, ଗୁଡ଼ାରିରୁ ଭୁବନେଶ୍ୱରକୁ ବସ୍ ଚଳାଚଳ ନେଇ ୟୁଥ୍ ଫର୍ ଚେଞ୍ଜ୍ ସଦସ୍ୟମାନେ ଅଞ୍ଚଳବାସୀଙ୍କ ସହଯୋଗରେ ବହୁବାର ପ୍ରଶାସନ ଓ ରାଜନେତାଙ୍କ ନିକଟରେ ଦାବି କରିଥିଲେ। କିଛିଦିନ ପୂର୍ବେ ଗୁଡ଼ାରି ବିଡିଓ ଅନିଶା ଦାସ ପ୍ରେସ୍ ୟୁନିୟନ ସଦସ୍ୟଙ୍କ ସହ ଭେଟି ଗୁଡ଼ାରିରୁ ରାଜଧାନୀକୁ ସରକାରୀ ବସ୍ ସେବା ଯୋଗାଇଦେବା ନିମନ୍ତେ ଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାର ଗୁଡ଼ାରିବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବସ୍‌କୁ ବ୍ରହ୍ମପୁର ସହର ଦେଇ ଚଳାଚଳ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ଏସ୍‌ଏଚ୍‌ଜି ସହାୟତାରେ ଉତ୍କଳ ହସ୍ପିଟାଲରେ କ୍ୟାଣ୍ଟିନ ସେବା ଆରମ୍ଭ

ଟିକିରି, ୨୦ା୫(ଡି.ଏନ୍.ଏ.)

ଉତ୍କଳ ଆଲୁମିନା ଓସାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲଠାରେ ଟିକିରିସ୍ଥିତ ଗଙ୍ଗା ମା ଏସ୍‌ଏଚ୍‌ଜି ସହଯୋଗରେ ଅତ୍ୟାଧୁନିକ କ୍ୟାଣ୍ଟିନ୍ ଉଦ୍‌ଘାଟନ କରିଛି। ଏହି କ୍ୟାଣ୍ଟିନ ଜରିଆରେ ହସ୍ପିଟାଲରେ ଭର୍ତ୍ତି ହେଉଥିବା ଅନ୍ତର୍ବିଭାଗ ରୋଗୀଙ୍କ ନିମନ୍ତେ ଘରୋଇ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇ ଦିଆଯାଇପାରିବ। ଏହାକୁ ଉତ୍କଳ ଆଲୁମିନା ୟୁନିଟ୍ ହେଡ୍ ମଜହର ବେଗ୍ ଉଦ୍‌ଘାଟନ କରିଥିଲେ। ଉଜ୍ଜ୍ୱଳ ଉତ୍କଳ ଲେଡିଜ କ୍ଲବ୍ ପ୍ରେସିଡେଣ୍ଟ ହିନା ବେଗ୍, ମାନବ ସମ୍ବଳ ହେଡ୍ ୟୁନିଟ୍‌ର ବିଜୟ କୁମାର, ଡାକ୍ତର ଅରିନ୍ଦମ୍ ରାୟଚୌଧୁରୀ, ସିଏସ୍‌ଆର୍ ପ୍ଲାଣ୍ଟ ଜିଏମ୍ ନିହାରିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ଅବସରରେ ଉତ୍କଳ ଆଲୁମିନା ଅଧିକାରୀ, ଏସ୍‌ଏଚ୍‌ଜି ମହିଳା ଓ ଅନ୍ୟମାନେ।

୧୦ଜଣ ମହିଳାଙ୍କୁ ନେଇ ଗଠିତ ଗଙ୍ଗା ମା' ଏସ୍‌ଏଚ୍‌ଜି ପ୍ରତ୍ୟହ ପ୍ରାତଃଭୋଜନ, ମଧ୍ୟାହ୍ନଭୋଜନ ଏବଂ ରାତ୍ରିଭୋଜନ ପ୍ରସ୍ତୁତକରି ରୋଗୀଙ୍କୁ ଯୋଗାଇବେ। ଏଥିପାଇଁ ମହିଳାମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଅନୁରୋଧ କ୍ରମେ ଏହି ସେବା ହସ୍ପିଟାଲ କର୍ମଚାରୀଙ୍କ ପାଇଁ ଯୋଗାଇ ଦିଆଯିବ। ଏହି ପ୍ରୟାସ ନିମନ୍ତେ ପ୍ରାଥମିକ ମୂଳଧନ ଉତ୍କଳ ଆଲୁମିନାର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ଯୋଗାଇ ଦିଆଯାଇଛି। ରୋଗୀଙ୍କୁ ଘରୋଇ ସ୍ୱାସ୍ଥ୍ୟକର ଖାଦ୍ୟ ସହ ମହିଳାଙ୍କୁ ସଶକ୍ତ କରିବା ଲକ୍ଷ୍ୟ ବୋଲି ମଜହର ବେଗ୍ କହିଛନ୍ତି। ନିହାରିକା ସାହୁ ସମସ୍ତଙ୍କ ଉପସ୍ଥିତି ଏବଂ ଉତ୍ସାହ ନିମନ୍ତେ କୃତଜ୍ଞତା ଜଣାଇଥିଲେ।

# ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର

ଦୁର୍ଗୀ, ୨୦ା୫(ଡି.ଏନ୍.ଏ.)

ମାକ୍ସ ପିକ୍‌ଅକପ ଗାଡ଼ି ଧକ୍କାରେ କୁମ୍ଭାର ଧାମୁଣି ପଞ୍ଚାୟତ ପାପୁଡ଼ାମ୍ବୁ ଛକ ନିକଟରେ ବାଇକ ଚାଳକ ପି.ଓ ଦାମୋଦର ମାଣ୍ଡାଙ୍ଗୀ ଗୁରୁତର ଅଛନ୍ତି। ତାଙ୍କ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡିଛି।

ସୂଚନାନୁଯାୟୀ, ନିଜ ଗ୍ରାମ ଚେକଗୁଡ଼ାରୁ ସକାଳ ୮ଟାରେ ପି.ଓ ଦାମୋଦର କଣାବାଇ ଗ୍ରାମ ପଂଚୟତ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ଗୁଣପୁର ପଟରୁ ଦ୍ରୁତଗତିରେ ଆସୁଥିବା ଗାଡ଼ି (ଓଡି-୦୮ଏସ୍-୮୮୮୪) ମାକ୍ସ ପିକ୍‌ଅପ ଗାଡ଼ି ପଛ ପଟରୁ ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ପି.ଓ ଦାମୋଦର ଦୂରକୁ ଛିଟିକି ପଡିଥିଲେ। ଦୁର୍ଘଟଣା ଘଟିବା ପରେ ଗାଡ଼ି ଚାଳକ ଗାଡ଼ି ଛାଡି ଭୟରେ ପଳାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଦୁର୍ଗୀ ପଞ୍ଚାୟତ ଗ୍ରାମ ରୋଜଗାର ସେବକ ଉମାଶଙ୍କର ରତ୍ନାଲୁ, ସତୀଶ ଚୌଧୁରୀ ଗୁରୁତର ଅବସ୍ଥାରେ ପି.ଓ ଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଦୁର୍ଗୀ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

# ଜଗନ୍ନାଥ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ



ବିଧାୟକ ଶିଳାନ୍ୟାସ କରୁଛନ୍ତି ।

କୋଡ଼ିଙ୍ଗା,୨୦ା୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର କୋଡ଼ିଙ୍ଗା ପଞ୍ଚାୟତଠାରେ ଶନିବାର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ବରୁ ଥିବା ପୁରାତନ ମନ୍ଦିର ମରାମତି ଅଭାବରୁ ନଷ୍ଟ ହେଉଥିବା ନେଇ ଗ୍ରାମବାସୀ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ଏହାପରେ ଜିଲା ସମ୍ମନ୍ୱିତ ଆଦିବାସୀ ବିକାଶ ପରିଷଦ ଦ୍ୱାରା କୋଡ଼ିଙ୍ଗାଠାରେ ୧୦ଲକ୍ଷ ଟଙ୍କା ବ୍ୟୟରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ନେଇ ଶୁଭ ଦିଆଯାଇଛି। ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର କମିଟି କର୍ମକର୍ତ୍ତା ଲିଙ୍ଗରାଜ ଦାସ, ବଦ୍ରୀ ନାରାୟଣ ସିଂ, ବାବୁଲା ଦାସ, ତ୍ରିଲୋଚନ ସିଂ, କୈଳାସ ପାଣିଗ୍ରାହୀ, ମହୋନ ମାଝି, ସାହେବ ଚାଲାଣ, ଧନସିଂ ମାଝି, ବାବୁଜି ବଳିଆର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ନିର୍ମାଣ ପାଇଁ ଆଉ ୧୦ଲକ୍ଷ ଟଙ୍କାର ଅନୁଦାନ ଦେବକୁ ସେମାନେ ନିବେଦନ କରିଛନ୍ତି।

# ଗାଁ ସାଥୀଙ୍କୁ ତାଲିମ, ପରିଚୟପତ୍ର ପ୍ରଦାନ ଦାବି

■ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗାଁ ସାଥୀଙ୍କ ବିକ୍ଷୋଭ
■ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର

ରାଇଘର, ୨୦ା୫(ଡି.ଏନ୍.ଏ.)

ଓଡ଼ିଶାର କାର୍ଯ୍ୟରତ ଗାଁ ସାଥୀ (ମେଟ) ମାନଙ୍କ ପ୍ରତି ଅବିଚାର ପ୍ରତିବାଦରେ ନବରଙ୍ଗପୁର ଜିଲା ଗାଁ ସାଥୀ ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ରାଇଘର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସଂଘ ଉପସଭାପତି ନକୁଳ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରା ବାହରିଥିଲା। ଏଥିରେ ଗାଁ ସାଥୀ(ମେଟ) ସାମିଲ ହୋଇ ସହର ପରିକ୍ରମା କରି ରାଇଘର ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚି ଥିଲା। ସେଠାରେ ଗାଁ ସାଥୀମାନେ ଧାରଣାରେ ବସିଥିଲେ। ପ୍ରତ୍ୟେକ ଗାଁ ସାଥୀ(ମେଟ)ଙ୍କ ବ୍ଲକସ୍ତରୀୟ ଡାଟାବେସ ପ୍ରସ୍ତୁତ ସହ ପଞ୍ଜିକରଣ କରାଇ ଆବଶ୍ୟକ ତାଲିମ ଓ ପରିଚୟ ପତ୍ର ପ୍ରଦାନ, ଓଡିଶା ସରକାର ପଞ୍ଚାୟତିରାଜ,ପାନୀୟ ଜଳ ବିଭାଗ ଅନ୍ୟ ବିଭାଗ ସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିୟୋଜିତ କରିବାକୁ ଦାବି ପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମଧ୍ୟସ୍ତି ବନ୍ଦ କରିବାକୁ ଦାବି ହୋଇଛି। ବିଭିନ୍ନ ସମସ୍ୟାର ଏ ପର୍ଯ୍ୟନ୍ତ କୌଣସି ସମାଧାନ ନ ହେବାରୁ ଆଜି ଗାଁ ସାଥି (ମେଟ)ମାନେ ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଥାଶୀଘ୍ର ସମାଧାନ କରାନଗଲେ ଆଗାମୀ ଦିନରେ ରାସ୍ତା ଅବରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଏବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଯୁବନେତା ଲଳିତ ସେଠୀ ଗିରଫ

ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣା

ଉମରକୋଟ, ୨୦ା୫(ସ୍ୱ.ପ୍ର.)

ଉମରକୋଟ ଥାନା ଅଞ୍ଚଳରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣାରେ ଶନିବାର ପୋଲିସ ସ୍ଥାନୀୟ ଅଞ୍ଚଳର ଜନୈକ ଯୁବନେତା ତଥା ମୃତ ମହିଳାଙ୍କ ସମ୍ପର୍କୀୟ ଦିଅରଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଲଳିତ ସେଠୀ। ଏହି ଘଟଣାରେ ପୂର୍ବରୁ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଜିତେନ୍ଦ୍ରଙ୍କୁ ଗିରଫ କରିଛି।

ସୂଚନାନୁଯାୟୀ ୬ବର୍ଷ ତଳେ ମୃତ ମହିଳାଙ୍କ ବିବାହ ଉମରକୋଟ ସହରର ଶିବାଜୀ ନଗରର ଜୀତେନ୍ଦ୍ର ସହ ହୋଇଥିଲା। ବିବାହ ପରଠାରୁ ଶାଶୁ ଓ ସ୍ୱାମୀ ମହିଳାଙ୍କୁ ଯୌତକ ପାଇଁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବାରୁ ସେ ମାର୍ଚ୍ଚ ମାସରେ ଡଙ୍ଗରଭେଜା ଅଞ୍ଚଳସ୍ଥିତ ବାପ ଘରକୁ ଚାଲିଯାଇଥିଲା। ମାର୍ଚ୍ଚ ୨୬ରେ ସ୍ୱାମୀ, ଶାଶୁ, ସମ୍ପର୍କୀୟ ଦିଅର ଲଳିତ ସେଠାକୁ ଯାଇ ଘରକୁ ଫେରିବାକୁ ଅନୁରୋଧ କରିଥିଲେ। ଘରକୁ ଯିବାପରେ କୌଣସି ନିର୍ଯ୍ୟାତନା ଦିଆଯିବ ନାହିଁ ବୋଲି ଏକ କୋର୍ଟ ପେପରରେ ଶାଶୁ ଓ ସ୍ୱାମୀ ଲିଖିତ ପ୍ରତିଶ୍ରୁତି ଦେବା ସହ ଉକ୍ତ ପେପରରେ ଲଳିତ ସାକ୍ଷୀଭାବେ ଦସ୍ତଖତ କରିଥିଲେ। ମହିଳା ଜଣଙ୍କ ସ୍ୱାମୀଙ୍କ ସହ ଫେରିଆସିଥିଲେ। ଏହାପରେ ପୁଣି ନିର୍ଯ୍ୟାତନା ଆରମ୍ଭ ହେଇଯାଇଥିଲା। ୮ ତାରିଖରେ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ନିର୍ଯ୍ୟାତନା ସହି ନ ପାରି ସେ ଆତ୍ମହତ୍ୟା କରିଛନ୍ତି ବୋଲି ମୃତ ମହିଳାଙ୍କ ବାପା ଅର୍ଜୁନ ନାୟକ ଉମରକୋଟ ଥାନାରେ ଏତଲା ଦେଇଥିଲେ। ପୋଲିସ ୭୯/୨୩ରେ ମାମଲା ରୁଜୁ କରିଥିଲା। ମହିଳାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରିବାକୁ ତାଙ୍କ ପରିବାର ଲୋକେ ଦାବି କରିଥିଲେ। ପୋଲିସ ତୁରନ୍ତ ସ୍ୱାମୀ ଜୀତେନ୍ଦ୍ରଙ୍କୁ ଗିରଫ କରିଥିଲା। ଉମରକୋଟ ଥାନା ସବଇନ୍ସପେକ୍ଟର ସନ୍ତୋଷ କୁମାର ମାଝି ଘଟଣାର ତଦନ୍ତ କରୁଥିଲେ। ଲଳିତଙ୍କ ସମ୍ପୃକ୍ତି ଥିବାନେଇ ନେଇ ତଥ୍ୟ ପାଇବା ପରେ ଶନିବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଶାଶୁ କମଳା ସେଠି ହାଇକୋର୍ଟରୁ ଆଗୁଆ ଜାମିନ ଆଣିଥିବାରୁ ଉକ୍ତ କେସରେ ତାଙ୍କୁ ଗିରଫ କରାଯାଇ ନାହିଁ ବୋଲି ପୋଲିସ କହିଛି।

# କାଳୀମନ୍ଦିର ହୁଣ୍ଡିରୁ ୧ ଲକ୍ଷ ଟଙ୍କା, ସୁନା ଅଳଙ୍କାର ଗାଏବ

■ ଗୌତମ ନଗର ଶିବ ମନ୍ଦିରରୁ ପୁଣି ଚୋରି
■ ରିଙ୍ଗରୋଡସ୍ଥିତ ଦୋକାନରୁ ଚୋରି ଉଦ୍ୟମ

ରାୟଗଡ଼ା,୨୦ା୫(ସ୍ୱ.ପ୍ର.)

ରାୟଗଡ଼ା ସହରର ୨ମନ୍ଦିରରୁ ଚୋରି ହୋଇଛି। ଉଭୟ ମନ୍ଦିର ସହରର ମୁଖ୍ୟ ଛକରେ ରହିଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ପୋଲିସର ଭୟ ନାହିଁ। ଯଦିଓ ପୋଲିସ ସହରର ସମସ୍ତ ଅଞ୍ଚଳରେ ଉପଯୁକ୍ତ ପଇଁତରା ଦେବା ଦାବି କରୁଛି, ତେବେ ମଧ୍ୟ ଚୋରି ଥମୁନାହିଁ।

ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ କାଳୀମନ୍ଦିର ମୁଖ୍ୟଦ୍ୱାର ତାଲା ଭାଙ୍ଗି ଭିତରେ ପଶିଥିଲେ। ମନ୍ଦିର ଭିତରେ ପଶିବା ପରେ ପ୍ରବେଶ ଦ୍ୱାରରେ ଥିବା ହୁଣ୍ଡି ତାଲା ଭାଙ୍ଗି ସେଥିରୁ ସମସ୍ତ ଟଙ୍କା ଚୋରି କରିନେଇଛନ୍ତି। ହୁଣ୍ଡିରୁ ପ୍ରାୟ ୧ଲକ୍ଷ ଟଙ୍କା ସମେତ ସୁନା ଓ ରୁପା ଗହଣା ଚୋରି ହୋଇଥିବା କାଳୀମନ୍ଦିର କମିଟି ସଭାପତି ଦିଲୀପ ପଟ୍ଟନାୟକ କହିଛନ୍ତି। ଏସ୍‌ପିଙ୍କ ବାସଭବନ ପାର୍ଶ୍ୱରେ କାଳୀମନ୍ଦିର ରହିଥିବାବେଳେ ଉକ୍ତ ଛକ ଉପରେ ଲାଗିଥିବା ୩ଟି ସିସି କ୍ୟାମେରା ଶୁକ୍ରବାର ରାତିରୁ ଅଚଳ ରହିଛି ବୋଲି ପୋଲିସ କହିଛି। ପୋଲିସ କାଳୀମନ୍ଦିରରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଚୋରଙ୍କର କୌଣସି ପତ୍ତା ମିଳିନାହିଁ। ସେହିଭଳି ଗୌତମନଗରସ୍ଥିତ ଶିବମନ୍ଦିରରୁ ମଧ୍ୟ ୧ ମାସ ବ୍ୟବଧାନରେ ପୁଣି ଥରେ ଚୋରି ହୋଇଥିବା ଜଣାପଡ଼ିଛି। ମନ୍ଦିରରେ ରହିଥିବା ସ୍ଥାୟୀ ହୁଣ୍ଡିକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ଭାଙ୍ଗିପାରି ନ ଥିଲେ। ତେବେ ଦୁର୍ବୃତ୍ତମାନେ ସେଠାରେ ରହିଥିବା ଅନ୍ୟ ଏକ ଷ୍ଟିଲ ହୁଣ୍ଡିକୁ ଭାଙ୍ଗି ସେଥିରୁ ପ୍ରାୟ ୨ହଜାର ଟଙ୍କା ଚୋରି କରିନେଇଥିବା ମନ୍ଦିର ପୂଜକ କହିଛନ୍ତି । ସୂଚନା ଅନୁଯାୟୀ, ରିଙ୍ଗ ରୋଡ୍‌ସ୍ଥିତ ଦୁଇଟି ଛୋଟ କ୍ୟାବିନରୁ ମଧ୍ୟ ଚୋରି ହୋଇଛି। ଗୋଟିଏ ଦୋକାନରୁ କିଛି ଟଙ୍କା ଓ ସାମଗ୍ରୀ ଚୋରି ହୋଇଥିବାବେଳେ ଅନ୍ୟ ଦୋକାନର ତାଲା ନ ଭାଙ୍ଗିବାରୁ ଦୁର୍ବୃତ୍ତମାନେ ଚାଲିଯାଇଥିବା ଅନୁମାନ କରାଯାଉଛି।



କାଳୀମନ୍ଦିରର ହୁଣ୍ଡି ଭାଙ୍ଗି ଚୋରି।

# ଲୋକଦେଖାଣିଆ ପାଲଟିଛି ସିସି କ୍ୟାମେରା

ରାୟଗଡ଼ା,୨୦ା୫(ସ୍ୱ.ପ୍ର.)

ରାୟଗଡ଼ା ସହରରେ ଲୁଟ୍, ରାହାଜାନି ଓ ଚୋରି ରୋକିବା ପାଇଁ ଖଞ୍ଜାଯାଇଥିବା ସିସି କ୍ୟାମେରା ପାଲଟିଛି ଶୋ' ପିସ୍। ରାୟଗଡ଼ା ସହରର ସୁରକ୍ଷା ସମେତ ଅପରାଧ ନିୟନ୍ତ୍ରଣ ଓ ଚୋରି ଆଦି ରୋକିବା ପାଇଁ ସହର ଭିତରେ ମାର୍ଚ୍ଚ ମାସରେ ସିସି କ୍ୟାମେରା ଖଞ୍ଜାଯାଇଥିଲା। ଏଥିସହ ସହର ଉପରେ ନଜର ରଖିବା ପାଇଁ ରାୟଗଡ଼ା ଟାଉନ ଥାନାରେ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା ମଧ୍ୟ ରହିଛି। ହେଲେ ଏହି ସିସି କ୍ୟାମେରା ଏବେ ଖାଲି ଲୋକଦେଖାଣିଆ ପାଇଁ ଲାଗି ରହିଥିବା ଅନୁମେୟ। ଏଭଳିକି ଜିଲାପାଳ ଓ ଏସ୍‌ପିଙ୍କ ବାସଭବନ ନିକଟରେ ଖଞ୍ଜାଯାଇଥିବା କ୍ୟାମେରା ମଧ୍ୟ ଅଚଳ ହୋଇପଡ଼ିଛି। ତେବେ ସିସି କ୍ୟାମେରା ଖଞ୍ଜାଯିବାରେ ବ୍ୟାପକ ଅନିୟମିତତା ଏହାର କାରଣ ବୋଲି ସହରର ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।



ଏସ୍‌ପିଙ୍କ ବାସଭବନ ତଥା କାଳୀ ମନ୍ଦିର ନିକଟରେ ଲାଗିଥିବା ୩ ଅଚଳ ସିସି କ୍ୟାମେରା।

କ୍ୟାମେରା ଲାଗିବା ପରଠାରୁ ହୋଇଥିବା ଚୋରି ଓ ଲୁଟ୍‌ର କୌଣସି ଟେର୍ ପାଇନି ପୋଲିସ। ଏହାବାଦ୍ ଚୋରି ବଢ଼ିବାରେ ଲାଗିଛି। ବିଶେଷଭାବେ ତାଲା ପଡ଼ିଥିବା ଘରକୁ ଦୁର୍ବୃତ୍ତମାନେ ଟାର୍ଗେଟ୍ କରୁଛନ୍ତି। ଏଥିସହିତ ବର୍ତ୍ତମାନ ସହରରେ ରହିଥିବା ମନ୍ଦିର ହୁଣ୍ଡିରେ ମଧ୍ୟ ଚୋରଙ୍କ ନଜର। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହା ଖଞ୍ଜାଯାଇଥିଲା ତାହା ସାଧନ ହୋଇପାରୁନାହିଁ। ଶୁକ୍ରବାର ବିଳମ୍ବିତ ରାତିରେ ଏସ୍‌ପିଙ୍କ ବାସଭବନ ସମ୍ମୁଖରେ ଥିବା କାଳୀ ମନ୍ଦିରରୁ ଚୋରି କ୍ୟାମେରା ଅଚଳର ଏକ ବଳିଷ୍ଠ ଉଦାହରଣ। ଅତ୍ୟନ୍ତ ନିମ୍ନମାନର କ୍ୟାମେରା ଖଞ୍ଜାଯାଇ ଉଚ୍ଚମାନର ଦର୍ଶାଇ ବିଲ୍ ହୋଇଛି। ଯଦ୍ୱାରା ମାତ୍ର ଦୁଇ ମାସ ମଧ୍ୟରେ ଅନେକ ସିସିଟିଭି କ୍ୟାମେରା ଅଚଳ ଅବସ୍ଥାରେ ପଡ଼ିରହିଛି। ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଖଞ୍ଜାଯାଇଥିବା ୧୨୦ କ୍ୟାମେରା ମଧ୍ୟରୁ ମାତ୍ର ୨୭ଟି କାମ କରୁଛି। ବଳକା ସବୁ ଖରାପ ହୋଇ ପଡ଼ିରହିଛି। ଅଚଳ ପରେ ମଧ୍ୟ ତାହାକୁ ସୁଧାରିବା ପାଇଁ ପଦକ୍ଷେପ ନିଆଯାଉନାହିଁ। ତେବେ ଏଥିପ୍ରତି ପୋଲିସ ବିଭାଗ କାହିଁକି ବ୍ୟାପକ ଦୃଷ୍ଟି ଦେଇ କ୍ୟାମେରାଗୁଡ଼ିକ କାର୍ଯ୍ୟକ୍ଷମ କରୁନାହିଁ ସେନେଇ ଜନସାଧାରଣଙ୍କ ମନରେ ସନ୍ଦେହ ଉପୁଜିଛି। ରାୟଗଡ଼ା ଜିଲା ସଦର ମହକୁମା ହୋଇଥିବାବେଳେ ଏଠାରେ ସବୁଠୁ ଅଧିକ ଚୋରି ଓ ଲୁଟ୍ ଚାଲିଛି। ପୋଲିସ କାହିଁକି ଧ୍ୟାନ ଦେଉନାହିଁ ତାହାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଚୋର ଓ ଲୁଟେରା ଅତି ଆରାମରେ ନିଜ କାର୍ଯ୍ୟ କରୁଛନ୍ତି। ପୋଲିସ ଚୋରି ରୋକିବାରେ ବିଫଳ ହେଉଛି। ରାତି ପାଟ୍ରୋଲିଂରେ ଯାଉଥିବା ପୋଲିସ ବାହାରେ ବୁଲୁଥିବା ଲୋକଙ୍କୁ ଧରୁଛି। କିନ୍ତୁ ପୋଲିସ ଆଖି ଆଢୁଆଳରେ ମନ୍ଦିରରୁ ମଧ୍ୟ ଚୋରି ହୋଇଯାଉଛି । ତେଣୁ ସହରର ଲୋକଙ୍କୁ ସୁରକ୍ଷା ଦେବା ସହିତ ଚୋରି ଓ ଲୁଟ୍ ରୋକିବା ପାଇଁ ଅଚଳ ଥିବା ସିସିଟିଭି କ୍ୟାମେରାକୁ କାର୍ଯ୍ୟକ୍ଷମ କରିବା ଜରୁରୀ ହୋଇପଡ଼ିଛି ବୋଲି ସାଧାରଣରେ ଦାବି ହେଉଛି।

